# ଶହୀଦ ଦେବୀପ୍ରସନ୍ନଙ୍କୁ ଅଶ୍ରୁଳ ବିଦାୟ

- ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର
- ୩ ବର୍ଷର ପୁଅ ଦିବ୍ୟଜ୍ୟୋତି ବାପାଙ୍କ ମୁହଁରେ ମାଟି ଦେଲେ
- ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଶ୍ରଦ୍ଧାଞ୍ଜଳି

ପାଟକୁରା, ୨।୭ ( ରବୀନ୍ଦ୍ରନାଥ ବାରିକ)





ଶ୍ମଶାନରେ ଶହୀଦଙ୍କୁ ସଂସ୍କାର ବେଳେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ। (ଉପର) ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି। (ତଳ)

ଶହୀଦ ଦେବୀପ୍ରସନ୍ନ ସୂତାରଙ୍କୁ ରବିବାର କେନ୍ଦ୍ରାପଡ଼ା ଜିଲା ପାଟକୁରା ଅଞ୍ଚଳର ଜନସାଧାରଣ ଅଶ୍ରୁଳ ବିଦାୟ ଦେଇଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ସୁସଜ୍ଜିତ ଗାଡ଼ିରେ ପାଟକୁରା ଓ ଜଗଦଳପୁର ଗ୍ରାମକୁ ନିଆଯାଇଥିଲା। 'ଶହୀଦ ଦେବୀପ୍ରସନ୍ନ ଅମର ରହେ' ସ୍ଲୋଗାନରେ ଶୋଭାଯାତ୍ରା ପ୍ରକମ୍ପିତ ହେଉଥିଲା। ଜଗଦଳପୁର ଗାଁ ଶ୍ମଶାନରେ ମରଶରୀର ପହଞ୍ଚିଲା ପରେ ରିଜର୍ଭ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ୩ ବର୍ଷର ପୁଅ ଦିବ୍ୟଜ୍ୟୋତି ବାପାଙ୍କ ମୁହଁରେ ଘର ନିକଟରେ ମାଟି ଦେବା ପରେ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ। ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଏଡିଏମ୍ ପୀତାମ୍ବର ସାମଲ, ବିଡିଓ ଧର୍ମ ରଞ୍ଜନ ପଣ୍ଡା, ତହସିଲଦାର ମହେଶ୍ୱର ସେଠୀ ପ୍ରମୁଖ ଜିଲା ପ୍ରଶାସନ ପକ୍ଷରୁ ଉପସ୍ଥିତ ଥିଲେ। ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ଶହୀଦଙ୍କ ମରଶରୀର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହାବ୍ୟତୀତ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଦେବୀପ୍ରସନ୍ନ ଭାରତୀୟ ସେନାରେ ୧୨ ବର୍ଷ ହେବ ସିଭିଲ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ। ସେ ୨୬।୪।୨୦୧୮ରେ ଜ୍ୟୋତ୍ସ୍ନାମୟୀଙ୍କୁ ବିବାହ କରିଥିଲେ। ବୁଧବାର ଜ୍ୟୋତ୍ସ୍ନାମୟୀ ଓ ୩ ବର୍ଷର ପୁତ୍ର କେନ୍ଦ୍ରାପଡ଼ାରୁ ଲଦାଖ ଯାଇ ତାଙ୍କ ପାଖରେ ପହଞ୍ଚି ଥିଲେ। ଶୁକ୍ରବାର ଜମ୍ମୁ-କଶ୍ମୀର ଲଦାଖ ଅଞ୍ଚଳରେ ସଡ଼କ କାର୍ଯ୍ୟ ତଦାରଖ କରୁଥିବା ବେଳେ ତାଙ୍କ ଉପରେ ବରଫ ଅତଡ଼ା ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ବିଳମ୍ବିତ ରାତ୍ରିରେ ତାଙ୍କ ପାର୍ଥିବ ଶରୀର ଜଗଦଳପୁର ବାସଭବନରେ ପହଞ୍ଚିଥିଲା। ରବିବାର ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାକାର ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବା ପରେ ମରଶରୀରରେ ଅଗ୍ନି ସଂଯୋଗ କରାଯାଇଥିଲା। ଶହୀଦଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଥିଲା। ଦେବୀପ୍ରସନ୍ନଙ୍କ ଜନ୍ମ ଗରଦପୁର ବ୍ଲକ ପାଟକୁରା ପଞ୍ଚାୟତ ଜଗଦଳପୁର ଗ୍ରାମରେ। ପାଟକୁରା ଅଞ୍ଚଳର ସୁନାମଧନ୍ୟ ଶିକ୍ଷକ ସ୍ୱର୍ଗତ ନାରାୟଣ ସୂତାରଙ୍କ ସେ ସାନ ପୁଅ। ୫ ବର୍ଷ ପୂର୍ବେ ତାଙ୍କ ପିତାଙ୍କ ପରଲୋକ ହୋଇଥିବା ବେଳେ ୨୦୨୨ ଅଗଷ୍ଟରେ ମା'ଙ୍କ ବିୟୋଗ ହୋଇଥିଲା। ଏବେ ସାନ ଭାଇ ଦେବୀପ୍ରସନ୍ନଙ୍କ ବିୟୋଗରେ ବଡ଼ ଭାଇ ଉମେଶ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗୋପୀନାଥ



@ ପ୍ରିୟଙ୍କା



@ ରବୀନ୍ଦ୍ର



@ ସୋନୁ



@ ସୁନନ୍ଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁଜଙ୍ଗ ଡବଲ ମର୍ଡର ଘଟଣା: ଡେମୋ ଦେଖାଇଲେ ଅଭିଯୁକ୍ତ

କୁଜଙ୍ଗ, ୨।୭ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଥାନା ଅଧୀନ ଏକ୍ସପ୍ରେସ କଲୋନୀ ନିକଟରେ ଗତ ଜୁନ ୧୮ରେ ୨ ଜଣ ମହିଳାଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଜ୍ୟୋତିପ୍ରକାଶ ନାଥଶର୍ମା (କାଳିଆ)ଙ୍କୁ କୁଜଙ୍ଗ ପୋଲିସ ଶନିବାର ୨ ଦିନିଆ ରିମାଣ୍ଡରେ ଆଣି ହତ୍ୟାକାଣ୍ଡର ବିଭିନ୍ନ ଦିଗ ଓ ଉଦ୍ଦେଶ୍ୟ ସମ୍ପର୍କରେ ଜେରା କରିଛି। ରବିବାର କାଳିଆ ହତ୍ୟାକାଣ୍ଡ କିପରି ଘଟାଇଥିଲେ ତାହାର ଡେମୋ ପୋଲିସକୁ ଦେଖାଇଛନ୍ତି। ଏହି ସମୟରେ ତିର୍ତ୍ତୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି, କୁଜଙ୍ଗ ଆଇଆଇସି ସୁଜିତ ପ୍ରଧାନଙ୍କ ସମେତ ଅନେକ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

ଜୁନ୍ ୧୮ରେ ଏକ୍ସପ୍ରେସ୍ କଲୋନୀ ନିକଟରେ ଘର କରି ରହୁଥିବା ଭଣ୍ଡୁଆ ଗ୍ରାମର ପ୍ରମୋଦ ଭୋଲଙ୍କ ସ୍ତ୍ରୀ ସୁନିତା ବାରଣ୍ଡାରେ ବସିଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କାଳିଆ ତାଙ୍କୁ ଅତର୍କିତ ଖଣ୍ଡାରେ ଆକ୍ରମଣ କରି ହାଣି ଦେଇଥିଲେ। ସୁନିତାଙ୍କ ପଡ଼ୋଶୀ ନିର୍ମଳା ଲେଙ୍କା ଏହା ଦେଖି ପ୍ରତିବାଦ କରିବାରୁ କାଳିଆ ତାଙ୍କୁ ମଧ୍ୟ ଖଣ୍ଡାରେ ହାଣି ଦେଇଥିଲେ। ନିର୍ମଳାଙ୍କ ଚିତ୍କାର ଶୁଣି ତାଙ୍କ ସ୍ୱାମୀ ସହଦେବ ମଲ୍ଲ ଓ ପୁଅ ରିତେଶ ରୋଶନ ପହଞ୍ଚି କାଳିଆଙ୍କୁ ଅଟକାଇବାବେଳେ ସେମାନେ ମଧ୍ୟ ଆହତ ହୋଇଛନ୍ତି। ଏହାଦେଖି ସ୍ଥାନୀୟ ଲୋକେ ଅଭିଯୁକ୍ତ କାଳିଆଙ୍କୁ କାବୁ କରି ଗୋଡ ହାତ ବାନ୍ଧି ଥାନାକୁ ଖବର ଦେଇଥିଲେ । ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।



ଅଭିଯୁକ୍ତ କାଳିଆ ପୋଲିସକୁ ଡେମୋ ଦେଖାଉଛନ୍ତି।

# କନିକା ବନାଞ୍ଚଳରେ ୧୦୭ କୁମ୍ଭୀର ବସା ଚିହ୍ନଟ



ବସାରେ କୁମ୍ଭୀର।

ରାଜନଗର, ୨।୭ (ଭାସ୍କର ରାଉତରାୟ)

ବଉଳା କୁମ୍ଭୀରମାନଙ୍କ ପ୍ରାକୃତିକ ବାସସ୍ଥାନ ଭିତରକନିକା ଜାତୀୟ ଉଦ୍ୟାନ ଅଧୀନରେ ଥିବା କନିକା ବନାଞ୍ଚଳରେ ପ୍ରବାହିତ ନଦୀ ନାଳ। ଏଠାରେ ବସବାସ କରୁଥିବା ମା' ବଉଳା କୁମ୍ଭୀରଗୁଡ଼ିକର ବସାଗୁଡ଼ିକୁ ବନ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। କନିକା ବନାଞ୍ଚଳରେ ୧୦୭ ବସା ଠାବ କରାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ମାନସ କୁମାର ଦାସ ସୂଚନା ଦେଇଛନ୍ତି। କନିକା ରେଞ୍ଜର ଭିତରକନିକା, ରଗଡ଼ାପାଟିଆ, ଡାଙ୍ଗମାଳ, ଦକ୍ଷିଣ ମହିଁଷାମଡ଼ା, ନର୍ଥ ମହିଁଷାମଡ଼ା ଏବଂ କାଳିଭଞ୍ଜଡ଼ିଆରେ ଏହି ବସା ଚିହ୍ନଟ ହୋଇଛି। ବର୍ତ୍ତମାନ ବଉଳା କୁମ୍ଭୀରଗୁଡ଼ିକର ପ୍ରଜନନ ଋତୁ। ପ୍ରତିବର୍ଷ ଭଳି ଚଳିତବର୍ଷ ମେ ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ଚାଲିଛି। ଏହି ସମୟରେ ମା' ବଉଳା କୁମ୍ଭୀର ନଦୀର କୁଆରଠାରୁ ୫ ଫୁଟ ଦୂର ନଦୀ ପଠାରେ ବସା କରିଥାନ୍ତି। ଅଣ୍ଡିରା ବଉଳା କୁମ୍ଭୀର ହେନ୍ତାଳ, ଖରଖରି ଓ ଅନ୍ୟ ପତ୍ରକୁ ନେଇ ୨ରୁ ଅଢେଇ ଫୁଟ ଉଚ୍ଚର ବସା ବାନ୍ଧିଥାନ୍ତି। ବସା ବନ୍ଧା ସରିବା ପରେ ମା' ବଉଳା କୁମ୍ଭୀର ସେଠାରେ ଅଣ୍ଡା ଦେଇଥାନ୍ତି। ମା' କୁମ୍ଭୀର ଅଣ୍ଡା ଦେବା ପରେ ଅଣ୍ଡିରା କୁମ୍ଭୀର ବସାରୁ ଅଣ୍ଡାଗୁଡ଼ିକ ଯେପରି ବାହ୍ୟ ଶତ୍ରୁ ନଷ୍ଟ ନ କରନ୍ତି ସେଥିପ୍ରତି ଜାଗ୍ରତ ରହିଥାନ୍ତି। ଏଥିସହ ଏହି ସମୟରେ କୁମ୍ଭୀରଗୁଡ଼ିକ ଅଧିକ ହିଂସ୍ର ହୋଇଥାନ୍ତି।

# କ୍ରଶର ୟୁନିଟ୍ ନିର୍ମାଣରେ ବିଳମ୍ବ

ଯାଜପୁର, ୨।୭
(ହର୍ଷବର୍ଦ୍ଧନ ବେହେରା)

- ବେଆଇନ କ୍ରଶର ମାଲିକଙ୍କ ପାଇଁ ପୁଷମାସ
- ସହଜ ହେଉଛି ବେଆଇନ କଳାପଥର ଉତ୍ତୋଳନ
- ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର



ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ୨୦୨୧ ଜାନୁୟାରୀରେ ଧର୍ମଶାଳା ତହସିଲ ଏବଂ ଫେବୃୟାରୀରେ ଦର୍ପଣ ତହସିଲ ଅଞ୍ଚଳରେ ବେଆଇନ ପଥର ଭଙ୍ଗା କ୍ରଶରଗୁଡିକ ଉଚ୍ଛେଦ ହୋଇଥିଲା। ପରିବେଶ ନିୟମ ଓ ସାଇଟିଂ କ୍ରାଇଟେରିଆ ବାହାରେ ଚାଲୁଥିବା କ୍ରଶରଗୁଡ଼ିକୁ ଉଚ୍ଛେଦ ଓ ସିଲ୍ କରିବାର କେଇଦିନ ଯାଇଛି କି ନାହିଁ ତାହା ପୁଣି ଜୋରସୋରରେ ଚାଲିଛି। ଏଥିରେ ୫୩ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଡାକବଙ୍ଗଳା ଛକଠାରୁ ଚଢେଇଧରା ଛକ ମଧ୍ୟରେ ରାଣୀବନ୍ଧ, ଭଡ଼ଙ୍ଗା, ଆରୁହା, ପାଖର, ବରଡ଼ା, ବଉଳମାଳ ଆଦି ମୌଜାରେ ରାଜପଥ ପାର୍ଶ୍ୱକୁ ଲାଗି ଏକାଧିକ ବେଆଇନ କ୍ରଶର ରହିଛି। ଏହିସବୁ ବେଆଇନ କ୍ରଶର ପାଇଁ ଏକାଧିକ କଳାପଥର ଖାଦାନରୁ ଉତ୍ତୋଳନ ମଧ୍ୟ ଜୋର ଧରିଛି। ଏଭଳି ସ୍ଥିତିରେ ପ୍ରଶାସନର ପ୍ରସ୍ତାବିତ କ୍ରଶର ୟୁନିଟ ନିର୍ମାଣରେ ବିଳମ୍ବ ବେଆଇନ କଳାପଥର ଉତ୍ତୋଳନକୁ ସୁହାଉଛି ବୋଲି ମତପ୍ରକାଶ ପାଉଛି।

ଜିଲାର ଦର୍ପଣ, ଧର୍ମଶାଳା ଓ ଦାନଗଦି ତହସିଲ ଇଲାକାରେ ବେଆଇନ କ୍ରଶରଗୁଡିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ୨୦୧୫ ଜୁନ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହାଇକୋର୍ଟ ମକଦ୍ଦମା ନମ୍ବର ଡବ୍ଲ୍ୟୁପିସି ୯୧୦୧/୨୦୦୯ ଏବଂ ଜାତୀୟ ମାନବାଧିକାର ଆୟୁକ୍ତଙ୍କ କେସ୍ ନମ୍ବର ୧୩୪-୧୮/୫/୦୭୦୮/ଓସି ଆଦେଶନାମା ଅନୁଯାୟୀ ବେଆଇନ କ୍ରଶରଗୁଡ଼ିକୁ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ନିର୍ଦ୍ଦେଶ ବଳରେ ୨୦୧୬ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୧୪୭ଟି ଛୋଟ କ୍ରଶରକୁ ସିଲ୍ କରାଯାଇଥିଲା। ଏହାସହ ବିଦ୍ୟୁତ୍ ସଂଯୋଗ ମଧ୍ୟ କାଟି ଦିଆଯାଇଥିଲା। ସେତେବେଳେ ଅରୁଣୀ, ଆର୍‌କେଡି, ସିମ୍ପ୍ଲେକ୍ସ, ମାଧବ, ଗରୁଡ, ଏଆରଏସ୍ଏସ୍, ନାଗାର୍ଜୁନ, ରକ୍‌ସାଣ୍ଡ୍, ଯୋଡ଼ା, ତାପ୍ତି, ଗୋଡ଼ଗାଁ, କୋଣାର୍କ, ଜୈନ, ଅମିତ୍, ସାଉଥ୍ ଇଷ୍ଟ ଆଦି ମେଗା କ୍ରଶର ଉପରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଅନ୍ୟ କ୍ରଶରମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଶ୍ରମିକଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି କେତେକ ସ୍ଥାନରେ କ୍ରଶର ୟୁନିଟ ସ୍ଥାପନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସକାଶେ ଜମି ଯୋଗାଇ ଦେବାକୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଏହାପରେ ଆରୁହା ଇଣ୍ଡଷ୍ଟ୍ରିଆଲ ଏରିଆ, ବରଡା, ଅଞ୍ଜିରା, ଅଲାଝାଟିଆଠାରେ ଜମି ଚିହ୍ନଟ କରାଯାଇଛି। ଏହାପରେ ୨୦୨୧ ଜାନୁୟାରୀ ଓ ଫେବୃୟାରୀରେ ପୁଣି କ୍ରଶର ଭଙ୍ଗା ଅଭିଯାନ ଆରମ୍ଭ ହୋଇଥିଲା। ଏହାର କିଛିଦିନ ପରେ ପୁଣି ରାଜପଥ କଡ଼ରେ କ୍ରଶରଗୁଡିକ ଚାଲିବା ଆରମ୍ଭ ହୋଇଥିଲା। ଏଭଳି ଭାବେ କ୍ରଶର ଭଙ୍ଗା ଏବଂ ପରେ ପୁଣି ଚାଲିବା ଦେଖିବାକୁ ମିଳୁଛି। ମେଗା କ୍ରଶରଗୁଡିକରେ ଅତ୍ୟଧିକ କଳାପଥର ମହଜୁଦ ରହୁଛି। ସରକାରୀ ଅନୁମତିଠାରୁ ବହୁଗୁଣ ଅଧିକ ପଥର ମହଜୁଦ ରହିବା ନେଇ ପ୍ରଶ୍ନ ଉଠୁଛି। ବଳରାମପୁର ସଂରକ୍ଷିତ ଜଙ୍ଗଲ ସମେତ ବିଛାଖଣ୍ଡି, କୁସୁନପୁର, ମୁକୁନ୍ଦପୁର, ନିଶ୍ଚିନ୍ତା ଅଭୟାରଣ୍ୟ, ଡଙ୍କାରୀ, ଆରୁହା, ଲୁଣିବର, ମାଲଗୋଡ଼ା ଓ ରାହାଡପୁର ଠାରୁ ଢେଙ୍କାନାଳ ସୀମାନ୍ତ ପର୍ଯ୍ୟନ୍ତ ଶତାଧିକ ବେଆଇନ କଳାପଥର ଖାଦାନ ଚାଲିଥିବା ଅଭିଯୋଗ ହେଉଛି। ବେଆଇନ ପଥର ଖାଦାନଗୁଡିକରୁ ନକଲି ଆର୍-ଫର୍ମରେ ବାହାରକୁ ଚାଲାଣ ହୋଇଥିବା ଏଥିରୁ ସନ୍ଦେହ କରାଯାଇଛି। ନକଲି ଆର୍-ଫର୍ମରେ ବିଭିନ୍ନ ଶିଳ୍ପ କାରଖାନାଗୁଡିକୁ ମଧ୍ୟ ଚିପ୍ସ, ମେଟାଲ ଆଦି ଯୋଗାଣ କରାଯାଉଛି ବୋଲି ଚର୍ଚ୍ଚା ହେଉଛି। ଏହିକ୍ରମରେ ସରକାରୀ ଭାବେ କ୍ରଶର ୟୁନିଟ ସ୍ଥାପନ କରାଗଲେ ବେଆଇନ କଳାପଥର ଉତ୍ତୋଳନ କିଛିଟା ନିୟନ୍ତ୍ରଣ ହୋଇପାରନ୍ତା ବୋଲି ଆଶା କରାଯାଉଛି। କିନ୍ତୁ କ୍ରଶର ୟୁନିଟ ନିର୍ମାଣ ଦାୟିତ୍ୱରେ ରହିଥିବା ଅଧିକାରୀ ଜାଣିଶୁଣି ବିଳମ୍ବ କରୁଥିବା ଅଭିଯୋଗ ଉଠିଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

# ଦୁର୍ବଳ ନଦୀବନ୍ଧ ଚିହ୍ନଟ

ଧର୍ମଶାଳା, ୨।୭(ବଟକୃଷ୍ଣ ପରିଡ଼ା): ଜାରକା ଜଳ ସମ୍ପଦ ବିଭାଗ ପକ୍ଷରୁ ଦୁର୍ବଳ ନଦୀବନ୍ଧ ଚିହ୍ନଟ କରାଯାଇ ଯାଜପୁର ଜିଲାପାଳ ଓ ଏସ୍ଆର୍‌ସିଙ୍କୁ ଅବଗତ କରାଯାଇଛି। ଧର୍ମଶାଳା ବ୍ଲକ ଦେଇ ବ୍ରାହ୍ମଣୀ, ଏହାର ଶାଖା ନଦୀ କେଲୁଅ ଓ ବିରୁପାରୁ ବାହାରିଥିବା ଗେଙ୍ଗୁଟି ନଦୀ ଯୋଗୁ ଧର୍ମଶାଳା, ରସୁଲପୁର, ବଡ଼ଚଣା ଓ ବରୀ ବ୍ଲକର ବିଭିନ୍ନ ଅଞ୍ଚଳ ବନ୍ୟାଦ୍ୱାରା ଅନେକ କ୍ଷତିଗ୍ରସ୍ତ ହୋଇଥାଏ। ବନ୍ୟା ନିୟନ୍ତ୍ରଣ ପାଇଁ ଜାରକା ଜଳ ସମ୍ପଦ ଡିଭିଜନ ଅଧୀନରେ ୩୨୫.୯୦କି.ମି. ନଦୀ ବନ୍ଧ ରହିଛି। ଏଥିମଧ୍ୟରୁ ଓଏଇରେ ୧୧୫.୫୦କି.ମି., ଟିଆର୍‌ଇରେ ୧୫୭.୨୦କି.ମି. ଓ କ୍ୟାପିଟାଲ ଏନାମେଣ୍ଟରେ ୫୩.୨୦କି.ମି. ନଦୀବନ୍ଧ ରହିଛି। ନଦୀବନ୍ଧଗୁଡ଼ିକ ମଧ୍ୟରୁ ମାୟାପଡ଼ାରୁ ମିର୍ଜାପୁର ଟିଆର୍‌ଇ ନଦୀବନ୍ଧର ମାଟିଆପଡ଼ା ଉପରମୁଣ୍ଡ ଓ ତଳମୁଣ୍ଡ ନଦୀବନ୍ଧରେ ୭୦୦ ମିଟର ଓ ନୀଳାପଦା ନଦୀବନ୍ଧରେ ୧୧୦୦ ମିଟର ଦୁର୍ବଳ ନଦୀବନ୍ଧଥିବା ସୂଚନା ଦିଆଯାଇଛି।

ବ୍ରାହ୍ମଣୀର ଜେନାପୁରଠାରେ ୬୭ଫୁଟ ବିପଦ ସଂକେତ ଭାବେ ଚିହ୍ନଟ କରାଯାଇଛି। ୬୭ ଫୁଟ୍‌ରେ ବନ୍ୟାଜଳ ପ୍ରବାହିତ ହେଲେ ମଧ୍ୟ ଧର୍ମଶାଳା ଓ ରସୁଲପୁର ବ୍ଲକରେ ଥିବା ନଦୀବନ୍ଧପ୍ରତି କୌଣସି ବିପଦ ନାହିଁ। ମାତ୍ର ବରୀ ବ୍ଲକ ଅଧୀନ ଟିଆର୍‌ଇ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି କରିଥାଏ। ଚିହ୍ନଟ ଦୁର୍ବଳ ନଦୀବନ୍ଧ ଓ ଟିଆର୍‌ଇ ନଦୀବନ୍ଧ ପାଇଁ ୨୦୦୦ ବାଲି ବସ୍ତା, ୩୦୦୦ ସିମେଣ୍ଟ ବସ୍ତା ଓ ୧୦୦ କୁଇଣ୍ଟାଲ ଓଜନର ବାଉଁଶ ତିଆରି ତଲେଇ ଓ ୧୦୦୦ ସିୟୁଏମ୍ ବାଲି ବିଭିନ୍ନ ସ୍ଥାନରେ ବନ୍ୟା ନିୟନ୍ତ୍ରଣ ପାଇଁ ଗଚ୍ଛିତଥିବା ଜାରକା ଜଳ ସମ୍ପଦ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବାମଦେବ ଦାସ ସୂଚନା ଦଇଛନ୍ତି। ପୂର୍ବରୁ ବନ୍ୟା ଦ୍ୱାରା ଘାଇହୋଇଥିବା ନଦୀବନ୍ଧଗୁଡିକୁ ସୁଦୃଢ଼ କରାଯାଇଛି। ବ୍ରାହ୍ମଣୀରେ ବନ୍ୟାଜଳ ୭୦ ଫୁଟରୁ ଊର୍ଦ୍ଧ୍ୱରେ ପ୍ରବାହିତ ହେଲେ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି କୁହାଯାଇଛି।

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ନଂ. 14-SBP-TRD-OT-2023-24 ତା.27.06.2023ରିଖ
(Served) OFBL
₹ 1,32,82,296.37, EMD : ₹2,16,400/-
ତା.19.07.2023ରିଖ 1530 ଘଣ୍ଟା।
http://www.ireps.gov.in
(TRD), ସମ୍ବଲପୁର
PR-309/O/23-24

# ଟେନ୍‌ଶନ ଦେଉଛି ଆବାସ ଯୋଜନା

- କଟୁଛନ୍ତି ଯୋଡ଼ି ହୋଇ ପାରୁ ନାହାନ୍ତି
- ଯୋଗ୍ୟ ସାମିଲ ହେଉ ନ ଥିବାରୁ ବଢ଼ୁଛି ଅସନ୍ତୋଷ
- ୧୬ ହଜାର ୨୭୮ରୁ କାର୍ଯ୍ୟାଦେଶ ପାଇଲେଣି ୧୧ ହଜାର ୭୮୧

ନୟାଗଡ଼,୨।୭(ଲୋକନାଥ ମିଶ୍ର)

ଆଉ କିଛି ମାସ ପରେ ବିଧାନସଭା ଓ ଲୋକସଭା ନିର୍ବାଚନ। ଏଭଳି ସ୍ଥଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ କାର୍ଯ୍ୟାଦେଶ ବଣ୍ଟନ ଶାସକ ଓ ବିରୋଧିଙ୍କୁ ଅଡୁଆରେ ପକାଇଛି। ଯୋଜନାରେ ନୂଆ ହିତାଧିକାରୀ ଯୋଡି ହୋଇ ପାରୁନାହାନ୍ତି। ତେବେ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଅଯୋଗ୍ୟ ଦର୍ଶା ଯାଇ କଟା ଚାଲିଛି। କିଏ ଯୋଗ୍ୟ କିଏ ଅଯୋଗ୍ୟ ବାଛିବା କାଠିକର ପାଠ ହୋଇପଡିଥିବାବେଳେ ଜିଲା ସାରା ଅସନ୍ତୋଷର ନିଆଁ ଜଳୁଛି।

ଜିଲାରେ ୧୬ ହଜାର ୨୭୮ ଜଣ ହିତାଧିକାରୀ ଜଣ ହିତାଧିକାରୀ କାର୍ଯ୍ୟାଦେଶ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରୁ ୧୧ ହଜାର ୭୮୧ ଜଣଙ୍କ ନାଁରେ କାର୍ଯ୍ୟାଦେଶ ବଣ୍ଟନ ରବିବାର ସୁଦ୍ଧା ହୋଇ ସାରିଲାଣି। ଅବଶିଷ୍ଟ ଯେଉଁମାନେ ରହିଲେ ସେମାନେ ଖୁବଶୀଘ୍ର କାର୍ଯ୍ୟାଦେଶ ପାଇବେ ବୋଲି ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ଗତ ଜାନୁୟାରୀ ୨୫ରେ ଜିଲା ଉନ୍ନୟନ କୋଡିନେଶନ ଆଣ୍ଡ ମନିଟରିଂ କମିଟି(ଦିଶା)ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)କୁ ନେଇ ଝଡ ସୃଷ୍ଟି ହୋଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆବାସ ଯୋଜନାରେ ପଞ୍ଚାୟତ ସ୍ତରରେ ପ୍ରକାଶ ପାଇଥିବା ତାଲିକାରେ ଅଧିକାଂଶ ସ୍ୱଚ୍ଛଳ ବର୍ଗର ନାଁ ରହିଥିବାବେଳେ ବହୁ ଗରିବ ଲୋକ ବାଦ୍ ପଡିଛନ୍ତି। ଏଣୁ ପ୍ରତି ଗାଁରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଲୋକ ବୁଝିବା ସ୍ଥିତିରେ ନାହାନ୍ତି। ସ୍ୱଚ୍ଛଳବର୍ଗଙ୍କୁ କାଟି ପ୍ରକୃତ ହିତାଧିକାରୀଙ୍କୁ ଦେବା କାଠିକର ପାଠ ହୋଇ ପଡିଛି। ଲୋକଙ୍କ ପ୍ରଶ୍ନର ଉତ୍ତର ପ୍ରଶାସନିକସ୍ତରରେ ମିଳୁନି। ଏଣୁ ଲୋକ ପ୍ରତିନିଧିମାନେ ଖଣ୍ଡାଧାରରେ ଝୁଲୁଛନ୍ତି ବୋଲି ଖୋଲାଖୋଲି ଅଭିଯୋଗ ଉଠିଥିଲା। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏବେଠାରୁ ଲୋକମାନେ ଆବାସ ପ୍ରସଙ୍ଗ ଉଠାଇ ସାରିଲେଣି ବୋଲି ପଞ୍ଚାୟତିରାଜ ପ୍ରତିନିଧିମାନେ ପ୍ରସଙ୍ଗ ଉଠାଇ ସମାଧାନର ମାର୍ଗ ଲୋଡିଥିଲେ। ବୈଠକର ୬ମାସ ପରେ ପୁଣି ଆବାସ ଯୋଜନାର ଝଡ ଆସିଛି। କେତେଜଣ ସ୍ୱଚ୍ଛଳ ଲୋକ କଟୁଥିବାର କୁହାଯାଉଥିଲେ ହେଁ ରାଜନେତାମାନେ ହଇରାଣ ହେବା ଆରମ୍ଭ ହୋଇଛି।

## ହାତଗୁଞ୍ଜା ନ ଦେଲେ ନାଁ କଟୁଛି

ହାତଗୁଞ୍ଜା ନ ଦେଲେ ଆବାସ ଯୋଜନାରୁ ହିତାଧିକାରୀଙ୍କୁ ଅଯୋଗ୍ୟ ଦର୍ଶାଇ ବାଦ୍ ଦିଆଯାଉଥିବାର ଅଭିଯୋଗ ହୋଇଆସୁଛି। ଏଭଳି ଅଭିଯୋଗ ଜିଲା ସାରା ହେଉଥିବାବେଳେ ଭାପୁର ବ୍ଲକ ଚର୍ଚ୍ଚାକୁ ଆସିଛି। ଭାପୁର ବିଡିଓଙ୍କୁ ପଦ୍ମାବତୀର ୧୫ରୁ ଊର୍ଦ୍ଧ୍ୱ ହିତାଧିକାରୀ ଅଭିଯୋଗ କରି ଆବାସ ଯୋଜନାରେ ଲାଞ୍ଚ କାରବାରର ଗୁମର ଖୋଲିଥିଲେ। ଅଭିଯୋଗ ଅନୁସାରେ ଆବାସ ଯୋଜନାରେ ଯୋଗ୍ୟ ବବେଚିତ ହୋଇ ସରକାରୀ ତାଲିକାରେ ନାଁ ଥିଲା। ୩୦ ହଜାର ଲାଞ୍ଚ ନ ଦେବାରୁ କନିଷ୍ଠ ଯନ୍ତ୍ରୀ ସୁପରଭିଜନରେ ନାଁ କାଟି ଦେଇଛନ୍ତି। କେତେଜଣ ଜଣ ବ୍ୟକ୍ତି ଲାଞ୍ଚ ଦେବାରୁ ସେମାନଙ୍କ ନାଁ ଯୋଜନାରେ ରହିଛି ବୋଲି ଅଭିଯୋଗ ହୋଇଥିଲା। ତେବେ ଅଭିଯୋଗର ୬ରୁ ଊର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ବି ଏଯାବତ ତଦନ୍ତ ହେଉ ନାହିଁ କି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ଅଭିଯୋଗ ଉଠିଛି। ବରଂ ସୁରକ୍ଷା ଯୋଗାଇ ଦିଆଯାଉଛି।

## ମହିଳାଙ୍କ ଧାରଣା ୪ର୍ଥ ଦିନରେ

ଆବାସ ଯୋଜନାରେ ନାଁ କଟି ଯାଇଥିବା କେତେଜଣ ମହିଳା ସରକାରଙ୍କ ଯୋଜନା ଉପରେ ପ୍ରଶ୍ନ ଉଠାଇ ନୂଆଗାଁ ବ୍ଲକ ବେରୁଆଁବାରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗତ ଗୁରୁବାର ଠାରୁ ଧାରଣା ଦେଇଛନ୍ତି। ଧାରଣା ଦେବାରୁ ୪ ଦିନ ବିତି ଯିବାକୁ ବସିଥିବାବେଳେ ସେମାନଙ୍କର ଅଭିଯୋଗକୁ ପ୍ରଶାସନ ଶୁଣୁ ନ ଥିବା ଅଭିଯୋଗ ରହିଛି। ଆବାସ ଯୋଜନାରେ ନାଁ ସାମିଲ କରି କାର୍ଯ୍ୟାଦେଶ ନ ମିଳିଲେ ଧାରଣା ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ସେମାନେ ସରକାରଙ୍କ ସବୁ ମାନଦଣ୍ଡକୁ ପୂରଣ କରିଥିବାବେଳେ ଜିଆରଏସ୍‌ଙ୍କୁ ଲାଞ୍ଚ ନ ଦେବାରୁ ଅଯୋଗ୍ୟ କରାଯାଇଥିବା ଅଭିଯୋଗ ରହିଛି।

## ଆକାଉଣ୍ଟ ମିସ୍ ମ୍ୟାଚିଂରୁ କାର୍ଯ୍ୟାଦେଶ ବାହାରୁନି

ଆଧାରକାର୍ଡ ଲିଙ୍କ ଆକାଉଣ୍ଟରେ ଆବାସ ଯୋଜନାରେ ସରକାରୀ ଅନୁଦାନ ଆସୁଛି। ତେବେ ଅଧିକାଂଶ ଆକାଉଣ୍ଟ ମିସ୍ ମ୍ୟାଚିଂ ଯୋଗୁ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯାଉ ନାହିଁ। ଏଣୁ ଯୋଗ୍ୟ ବିବେଚିତ ହେଲେ ବି ହିତାଧିକାରୀ କାର୍ଯ୍ୟାଦେଶ ପାଇ ପାରୁ ନାହାନ୍ତି। କାର୍ଯ୍ୟାଦେଶ ପାଇବାକୁ ବିଭିନ୍ନ ଅଫିସରକୁ ଯାଇ ହଟହଟା ହେଉଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଗୋପୀନାଥ


@ ପ୍ରିୟଙ୍କା


@ ରବୀନ୍ଦ୍ର


@ ସୋନୁ


@ ସୁନନ୍ଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୀଳମାଧବ ପୀଠ ବିକାଶ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା


ଉପଜିଲାପାଳ ନୀଳମାଧବ ପୀଠ ବିକାଶ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଖଣ୍ଡପଡ଼ା,୨।୭
(ଅଜୟ କୁମାର ମହାରଣା)

ଗତ ୨୦୨୨ ଏପ୍ରିଲରେ ରାଜ୍ୟ ସରକାର ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠ ବିକାଶ ପ୍ରକଳ୍ପ ପାଇଁ ୧୦୦ କୋଟିର ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି। ତେବେ ଏହି ପ୍ରକଳ୍ପର କାର୍ଯ୍ୟ ଧିର ମନ୍ଥର ଗତିରେ ଚାଲୁ ଥିବାରୁ ଏନେଇ ନୟାଗଡ଼ ଜିଲା ପ୍ରଶାସନ ଅସନ୍ତୋଷ ପ୍ରକାଶ କରିଛି। ଶନିବାର ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟ, ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଲିପ୍ସା ରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅରୁଣୀମା ସାହୁ ପ୍ରମୁଖ ମିଳିତ ଭାବେ କଣ୍ଟିଲୋ ପରିଦର୍ଶନରେ ଆସି ନୀଳମାଧବ ମନ୍ଦିର ବିକାଶ ପ୍ରକଳ୍ପର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମ ମଧ୍ୟରେ ଠାକୁରଙ୍କ ଦୟଣାଚୋରୀ ବଗିଚା, ଶ୍ରୀଜୀଉଙ୍କ ଚନ୍ଦନ ପୋଖରୀ, ମନ୍ଦିର ପଶ୍ଚିମ ଓ ଦକ୍ଷିଣ ପାର୍ଶ୍ୱ ପାବଚ୍ଛର ନବୀକରଣ କାର୍ଯ୍ୟ ଚାଲୁ ରହିଥିଲେ ମଧ୍ୟ ତାହା ଅଧପନ୍ତରିଆ ଭାବେ ରହିଛି। ତୁରନ୍ତ ସେହି କାର୍ଯ୍ୟ ସମ୍ପନ୍ନ କରିବାକୁ ଉପସ୍ଥିତ ଥିବା ଓଡ଼ିଶା ସେତୁ ନିଗମ କନିଷ୍ଠ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ବଳବନ୍ତରାୟଙ୍କୁ ଉପଜିଲାପାଳ ରାୟ ତାଗିଦ କରିବା ସହ ସମ୍ପ୍ରତି ବର୍ଷା ଋତୁ ଆସିଯାଇଥିବାରୁ ସମସ୍ତ ପ୍ରକଳ୍ପ ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ପରିଦର୍ଶନ ସମୟରେ ଖଣ୍ଡପଡ଼ା ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ.ପ୍ରାଣକୃଷ୍ଣ ମହାପାତ୍ର ଓ କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ହେମନ୍ତ କୁମାର ସାହୁ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଲଘୁଚାପ ଜନିତ ବର୍ଷା ହେବା ଯୋଗୁ ଚନ୍ଦନ ପୋଖରୀ ମଧ୍ୟରେ ବର୍ଷା ପାଣି ଜମା ହୋଇ ରହିବା ଫଳରେ ବିଳମ୍ବରେ ପୋଖରୀ ମଧ୍ୟ ଭାଗରେ ଆରମ୍ଭ ହୋଇଥିବା ମଣିଖମ୍ଭ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଅପରପକ୍ଷେ ମନ୍ଦିର ପଶ୍ଚିମ ପାର୍ଶ୍ୱରେ ନିର୍ମିତ ହେବାକୁ ଥିବା ଲିଫ୍ଟ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିବା ଜଣାପଡିଛି।

# ସୁସ୍ଥ ପରିବେଶ ପାଇଁ ଚାରା ରୋପଣ ଜରୁରୀ

## ୭୪ତମ ବନ ମହୋତ୍ସବ ସପ୍ତାହ ପାଳିତ

ଗଣିଆ,୨।୭(ସନ୍ତୋଷ କୁମାର ପ୍ରଧାନ)

ଦିନକୁ ଦିନ ଜଙ୍ଗଲ ଓ ପରିବେଶ ନଷ୍ଟ ଯୋଗୁ କିଭଳି ପ୍ରତିକୂଳ ପ୍ରଭାବ ପଡୁଛି ଏବଂ ଆବଶ୍ୟକ ଅମ୍ଳଜାନ ଅଭାବରୁ କରୋନା ପରି ବିଭିନ୍ନ ମହାମାରୀ ସୃଷ୍ଟି ହେଉଛି। ଆଗାମୀ ଦିନରେ ଏହି ସମସ୍ୟା ଦୂର କରିବା ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ର ଚାରା ରୋପଣ କରିବା ଆବଶ୍ୟକ। ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଆନୁକୂଲ୍ୟରେ ଶନିବାର ବେଠିଆସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଠାରେ ୭୪ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବଉଳ, ପିଜୁଳି, ଜାମୁ, କଇଥ, ଅଁଳା ପରି ବିଭିନ୍ନ ଫଳଜାତୀୟ ଚାରା ରୋପଣ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଓ ପରିବେଶ ସମ୍ପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ବେହେରାଙ୍କ ସଭାପତିତ୍ୱରେ ବନାଞ୍ଚଳ ଅଧିକାରୀ ମୌସୁମୀ ବେହେରା, ବନପାଳ ସଞ୍ଜୟ ରାଉତ, ଦେବାଶିଷ ବେହେରା, ଲୋକନାଥ ସେଠୀ, ପ୍ରତାପ ସେଠୀ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବନାଞ୍ଚଳ ଅଧିକାରୀ ଜଙ୍ଗଲ ଓ ବିଜ୍ଞାନ କ୍ଷେତ୍ରରେ ମାନବ ସମାଜ, ଓ ଜଙ୍ଗଲରୁ ପାଉଥିବା ଉପକାରିତା ଓ ପରିବେଶ ପାଇଁ ମାନବ ସମାଜର ଭୂମିକା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ସମସ୍ତେ ସୁସ୍ଥ ପରିବେଶ ପାଇଁ ଯତ୍ନବାନ ହେବା ସହ ଚାରାରୋପଣ କରିବା ଅତ୍ୟନ୍ତ ଜରୁରୀ ବୋଲି ବନାଞ୍ଚଳ ଅଧିକାରୀ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ସେହିପରି ରବିବାର ଛାମୁଣ୍ଡିଆ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବନ କର୍ମଚାରୀମାନେ ଚାରା ରୋପଣ କରିଥିଲେ।


ସଚେତନତା କାର୍ଯ୍ୟକ୍ରମରେ ବନବିଭାଗ ଅଧିକାରୀ।

# ଅଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟରେ ୮ ଲକ୍ଷ ଟଙ୍କା

## ନୟାଗଡ଼ ବ୍ଲକରେ ଆବାସ ଯୋଜନାରେ ଅନିୟମିତତା

ନୟାଗଡ଼,୨।୭(ଲୋକନାଥ ମିଶ୍ର)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଅଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରାୟ ୮ ଲକ୍ଷ ଟଙ୍କା ଯାଇଛି। ନୟାଗଡ଼ ବ୍ଲକରେ ଏପରି ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଦେଶ ନ ପାଇ ଆବାସ ଯୋଜନାର ୪୦ ହଜାର ଟଙ୍କା କିପରି ଅଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯାଇଛି ତାହା ତଦନ୍ତ ସାପେକ୍ଷ, ଯାହା କି ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଅନିୟମିତତାକୁ ଲୁଚାଇବାକୁ ପ୍ରାୟ ଏକ ସପ୍ତାହ ହେଲା କସରତ ଆରମ୍ଭ ହୋଇଥିବାବେଳେ ଏହାର ସମାଧାନ ହୋଇ ପାରୁ ନ ଥିବା ଜଣାପଡିଛି। ଜିପିଓ, ପିଇଓ ଓ ଜିଆରଏସ୍‌ଙ୍କ ଜ୍ଞାତ ସାରରେ ଏପରି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ମର୍ଶାଘାଇ ବ୍ଲକରେ ଏପରି ଅନିୟମିତତା ହୋଇଥିବା ଅଭିଯୋଗ ପରେ ପିଓ, ଜିଆରଏସ୍ ଦରମାରୁ ଅର୍ଥ କାଟି ଭରଣା କରିବାକୁ ନିର୍ଦ୍ଦେଶ ହୋଇଛି। ତେବେ ନୟାଗଡ଼ ବ୍ଲକରେ ଏଯାବତ୍ ତଦନ୍ତ ଆରମ୍ଭ ହୋଇନି। ଏନେଇ ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ କୁହନ୍ତି, ଏଭଳି ଅଭିଯୋଗ ପାଇ ନାହିଁ। ନୟାଗଡ଼ ବିଡିଓ ବି ମଧ୍ୟ ଜଣାଇ ନାହାନ୍ତି। ତେବେ ଏପରି ଘଟଣା ଘଟିଥିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ। ଘଟଣା ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଅଭିଯୋଗ କଲେ ଷ୍ଟ୍ରିଟ୍ ଲାଇଟ୍ ଜଳେ

## ୪ ଦିନ ହେଲା ଅନ୍ଧାରରେ ଡିଆର୍‌ଡିଏ ରୋଡ

ନୟାଗଡ଼,୨।୭(ଲୋକନାଥ ମିଶ୍ର)

ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ରାସ୍ତା କଡରେ ଓ ବିଭିନ୍ନ ୱାର୍ଡର ବିଦ୍ୟୁତ୍ ଖୁଣ୍ଟରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟର ଅପରେଟିଂ ଠିକ୍ ଭାବେ ହେଉ ନ ଥିବାରୁ ୪ଦିନ ହେଲା ଡିଆରଡିଏ ରୋଡ, ପ୍ରକୃତି ବିହାର ଅନ୍ଧାରରେ ରହୁଛି। ଘଟଣା ସମ୍ପର୍କରେ ମ୍ୟୁନିସିପାଲିଟିର ବିଦ୍ୟୁତ୍ କାର୍ଯ୍ୟ ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କଲା ପରେ ଷ୍ଟ୍ରିଟ ଲାଇଟ୍ ଜଳୁଛି। ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରଠାରୁ ଡିଆରଡିଏ ରୋଡରେ ସନ୍ଧ୍ୟା ହେଲେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନାହିଁ। ଷ୍ଟ୍ରିଟ ଲାଇଟ୍ ଦାୟିତ୍ୱରେ ଥିବା କର୍ମଚାରୀ ସୁଇଚ୍ ଦେବାକୁ ଭୁଲି ଯାଉଥିବାରୁ ଏପରି ହେଉଛି ବୋଲି କନିଷ୍ଠ ଯନ୍ତ୍ରୀ ସ୍ୱୀକାର କରିଛନ୍ତି।

# ପରିତ୍ୟକ୍ତ ସରନାଳକୁ ନେଇ ଚିନ୍ତା

ଖଣ୍ଡପଡ଼ା,୨।୭
(ଅଜୟ କୁମାର ମହାରଣା)

ଦୀର୍ଘବର୍ଷରୁ ଅକୁରାବନ୍ଧ ଗାଁ ମୁଣ୍ଡରେ ଥିବା ସରନାଳ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ପାଣି ଉପରେ ଦଳ, ଘାସ ଓ ମେଘଡ଼ମ୍ବରୁ ଗଛର ଏକ ଆସ୍ତରଣ ଜମି ଏହା ଏକ ଖେଳ ପଡ଼ିଆର ଭ୍ରମ ସୃଷ୍ଟି କରୁଛି। ଦିନଥିଲା ଏହି ସରନାଳ ଉପରେ ଅକୁରାବନ୍ଧ, ବଳରାମପ୍ରସାଦ, ଘୋଡାମାରିଦ୍ୱାର ଓ ସିଧାମୂଳାବାସୀ ସ୍ନାନ ଶୌଚାଦି ପାଇଁ ନିର୍ଭର କରୁଥିଲେ। ଏବେ ସେହି ନାଳ ମଶା ଡ଼ାଉଁଶଙ୍କ ଏଣ୍ଡୁଡ଼ିଶାଳ ପାଲଟିଛି। ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ସରନାଳ ଅଞ୍ଚଳବାସୀଙ୍କ ଚିନ୍ତା ବଢାଇଛି।

ସିଧାମୂଳା ପଞ୍ଚାୟତ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମର୧୪୧୪ ପ୍ଲଟରେ ୧୭.୬୩ ଏକର, ୬୨୯ ଖାତା ୬୯୫ ନଂ. ପ୍ଲଟରେ ଥିବା ୧୧.୫୬ ଏକର ପରିମିତରେ ଅକୁରାବନ୍ଧ ସରନାଳ ରହିଛି। ସିଧାମୂଳା ପଞ୍ଚାୟତ ସରହଦରେ ଥିବା ଏହି ବୃହତ୍ ଜଳାଶୟରେ ଗ୍ରାମରେ କୌଣସି ବନ୍ଧ କିମ୍ବା ପୋଖରୀ ନ ଥିବାରୁ ସିଧାମୂଳା, ଘୋଡାମାରୀଦ୍ୱାର ଓ ବଳରାମ ପ୍ରସାଦ ଗ୍ରାମର ୩ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ନାନ,ଶୌଚାଦି ପାଇଁ ଏହି ନାଳ ଉପରେ ନିର୍ଭର କରିଥାନ୍ତି। ଏହାଛଡା ସଂପୃକ୍ତ ଅଞ୍ଚଳର ଗାଈ, ଗୋରୁ, ମେଣ୍ଢା, ମଇଁଷି ଆଦି ଗୃହପାଳିତ ପଶୁ ମଧ୍ୟ ପାଣି ପିଇବା ଓ ଗାଧୋଇବା ଆଦି କାର୍ଯ୍ୟ ପାଇଁ ଏହା ଉପରେ ନିର୍ଭର କରୁଥିଲେ। ଚାଷୀମାନେ ଜମିବାଡ଼ିରେ କାମ ସାରି ଏହି ସରରେ ଗାଧୋଉ ଥିଲେ। ମାତ୍ର ସରନାଳଟି କ୍ରମଶଃ ମେଘଡ଼ମ୍ବରୁ ଦଳ ଓ ବିଭିନ୍ନ ଅନାବନା ଗଛରେ ଭରପୁର ହୋଇଯିବାରୁ ଏହା ଭିତରକୁ ପଶିବା ଅସମ୍ଭବ ହୋଇପଡୁଛି। ଏହି ଦଳପୂର୍ଣ୍ଣ ସରନାଳରେ ଏବେ ସ୍ନାନ ଶୌଚାଦି ସମ୍ପନ୍ନ କରିବା ବିପଦପୂର୍ଣ୍ଣ ହୋଇଛି। ସନ୍ଧ୍ୟା ହେଲେ ସ୍ଥାନୀୟ ଲୋକେ ଅଧିକ ଭୟ କରୁଛନ୍ତି। ଏହି ସର ମଶା, ଡାଉଁଶ ଓ ସରୀସୃପଙ୍କ ବୋଲି ଗ୍ରାମର ବିଜୟ କୁମାର ସାହୁ, ଜୟକୃଷ୍ଣ ସ୍ୱାଇଁ, ଗୋଲଖ ଲେଙ୍କା, ନାରାୟଣ ରାଉତ, ସନାତନ ଲେଙ୍କା, ଘନଶ୍ୟାମ ମିଶ୍ର, ସିଧାମୂଳା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ, ମହେଶ୍ୱର ରଣା, ସୁଦର୍ଶନ ମନ୍ତ୍ରୀ ପ୍ରମୁଖ କ୍ଷୋଭର ସହିତ କୁହନ୍ତି। ଏବେ କିଛି ବର୍ଷ ହେବ ମେଘ ଡ଼ମ୍ବରୁ ଦଳ ଓ ବିଭିନ୍ନ ଅନାବନା ଘାସର ଏକ ଆସ୍ତରଣ ସରନାଳକୁ ଆବୃତ କରି ରଖିଛି। ଫଳରେ ଜଳାଶୟ ମଧ୍ୟକୁ ସାଧାରଣ ମଣିଷ କ'ଣ ଗୋରୁ ଗାଈ ମଧ୍ୟ ପଶିବାକୁ ଭୟ କରୁଛନ୍ତି। ଫଳରେ ଉକ୍ତ ସରନାଳଟି ଲୋକ କିମ୍ବା ଗୃହ ପାଳିତ ପଶୁମାନଙ୍କ ବ୍ୟବହାରରେ ଆସି ପାରୁନାହିଁ। ଉକ୍ତ ଜଳାଶୟର ପୁନରୁଦ୍ଧାର ଉପରେ ବୁଦ୍ଧିଜୀବୀ ଗୁରୁତ୍ୱାରୋପ କରିଛନ୍ତି। ଏହାର ପ୍ରତିକାର ତଥା ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ଘାସ ଓ ବିଭିନ୍ନ ଗଛଲତାରେ ସରନାଳ ପୋତିହୋଇ ପଡ଼ିଛି।

# ଏଲ-୨ ଟେଣ୍ଡର ବାତିଲ୍

## ୫ ଜଣ ପକାଇଥିଲେ ୨୯ଟି ଟେଣ୍ଡର

ନୟାଗଡ଼,୨।୭(ଲୋକନାଥ ମିଶ୍ର)

ଜିଲା ଯୋଗାଣ ବିଭାଗ ପକ୍ଷରୁ ଏଲ-୨ ଟେଣ୍ଡର ବାତିଲ ହୋଇଛି। ଶନିବାର ରାତିରୁ ଏହା ଜିଲା ଯୋଗାଣ ବିଭାଗର ୱେବସାଇଟ୍ ପୋର୍ଟାଲରେ ଉପଲବ୍ଧ ହେଉଛି। କେଉଁ କାରଣରୁ ଟେଣ୍ଡର ବାତିଲ୍ ହୋଇଛି କାଗଜାତରେ ଉଲ୍ଲେଖ ନାହିଁ। ତେବେ ଆବେଦନରେ ତ୍ରୁଟି ଯୋଗୁ ବାତିଲ୍ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ଚାଉଳ ଗୋଦାମରୁ ରିଟେଲରଙ୍କ ପାଖକୁ ଚାଉଳ ପରିବହନ ପାଇଁ ଏଲ-୨ ଠିକାଦାର ନିଯୁକ୍ତି ପାଇଁ ଟେଣ୍ଡର ହୋଇଥିଲା। ୫ଜଣ ଠିକାଦାର ପକାଇଥିଲେ ୨୯ଟି ଟେଣ୍ଡର। ଟେଣ୍ଡର ବାତିଲ ପରେ ପ୍ରଶାସନ ଚାପରେ ଚେପା ହୋଇ ଟେଣ୍ଡର ବାତିଲ୍ କରିଥିବା ଚର୍ଚ୍ଚା ହେଉଛି। ଟେଣ୍ଡର ବାତିଲ ପରେ ପୁଣି ସାନି ଟେଣ୍ଡର ହେବ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ତିଳୋତ୍ତମା ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 14-SBP-TRD-OT-2023-24 ତା.27.06.2023ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳର ବଡ଼ମାଲ ଷ୍ଟେସନ ଦ୍ୱାରା ସେବିତ (Served) OFBL ସାଇଡିଙ୍ଗ୍ ଏକ୍ସଚେଞ୍ଜ ୟାର୍ଡର ଲାଇନ୍ ନଂ. 2 ଏବଂ 3ର ବିଦ୍ୟୁତିକରଣ।

ଆନୁମାନିକ ମୂଲ୍ୟ : ₹ 1,32,82,296.37, EMD : ₹2,16,400/-, କାର୍ଯ୍ୟ ଶେଷ ହେବା ଅବଧି: 08 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.07.2023ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-309/O/23-24

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଘର ଜାଳିଦେଲେ



**ଏରସମା, ୨।୭ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ):** ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ନଈଗୁଆଁ ଗ୍ରାମରେ ରବିବାର ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘର ଜାଳି ଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ଝାଟୁ ଦାସଙ୍କ ୨ ବଖରା ପୋଡ଼ିଯାଇଛି। ଏନେଇ ତାଙ୍କ ସ୍ତ୍ରୀ ଅଞ୍ଜନା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଝାଟୁ ଓ ସୁଶାନ୍ତ ଦାସଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ରକରି ବିବାଦ ଲାଗି ରହିଥିଲା। ଶନିବାର ସୁଶାନ୍ତଙ୍କ ପରିବାର ସଦସ୍ୟ ଝାଟୁଙ୍କ ଘର ପାଖରେ ଆବର୍ଜନା ପକାଇବାରୁ ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପରିବାର ମଧ୍ୟରେ ମାର୍‌ପିଟ ହୋଇଥିଲା। ଏହି ରାଗରେ ଝାଟୁଙ୍କ ଘରେ ନିଆଁ ଲଗାଇ ଦିଆଯାଇଛି ବୋଲି ସ୍ତ୍ରୀ ଅଞ୍ଜନା ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଝାଟୁ ନିଜେ ନିଜ ଘରେ ନିଆଁ ଲଗାଇ ମିଥ୍ୟା ଦୋଷାରୋପ କରୁଛନ୍ତି ବୋଲି ସୁଶାନ୍ତଙ୍କ ପରିବାର ପକ୍ଷରୁ ସ୍ୱର୍ଣ୍ଣଲତା ଦାସ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଥାନା ପକ୍ଷରୁ ଉଭୟପକ୍ଷଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ, ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଥାନା ଅଧିକାରୀ ନିରଞ୍ଜନ ଦାସ କହିଛନ୍ତି।

### ବାଙ୍ଗାଲୋରରେ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

**ରାଜନଗର, ୨।୭ (ଭାସ୍କର ରାଉତରାୟ):** ରାଜନଗର ଥାନା ଅନ୍ତର୍ଗତ ହାତିନା ଗ୍ରାମର ଫକୀର ଚରଣ ରାଉତଙ୍କ ବଡ଼ପୁଅ ପୂର୍ଣ୍ଣଚନ୍ଦ୍ର (୨୩) ଶନିବାର ବାଙ୍ଗାଲୋରରେ ଫ୍ୟାନରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ପୂର୍ଣ୍ଣଚନ୍ଦ୍ର ବାଙ୍ଗାଲୋରରେ ଏକ କମ୍ପାନୀରେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲେ। କୌଣସି କାରଣରୁ କମ୍ପାନୀ ଛାଡ଼ିବା ପରେ ୩ ମାସ ହେବ ସେଠାରେ ପରିବାର ସହ ରହୁଥିବା ତାଙ୍କ ମାମୁ ହେମନ୍ତ ପାଢ଼ୀଙ୍କ ଘରେ ରହୁଥିଲେ। ପୂର୍ଣ୍ଣ ମାନସିକ ଚାପରେ ରହୁଥିଲେ। ଶନିବାର ମାମୁ ତାଙ୍କ ପରିବାର ସହ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ ପୂର୍ଣ୍ଣ ଫ୍ୟାନରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। ମାମୁ ମାଇଁ ଘରେ ପହଞ୍ଚି ଭିତରପଟୁ କବାଟ ବନ୍ଦ ଥିବାରୁ ଝରକା ପଟୁ ଭଣଜା ଫ୍ୟାନରେ ଝୁଲୁଥିବା ଦେଖି ପଡ଼ୋଶୀଙ୍କୁ ଡ଼ାକିଥିଲେ। ପଡୋଶୀଙ୍କ ସହାୟତାରେ ପୂର୍ଣ୍ଣଙ୍କୁ ମୁମୂର୍ଷୁ ଅବସ୍ଥାରେ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ମାମୁ ହେମନ୍ତ ମୃତଦେହକୁ ସଂସ୍କାର କରିଥିଲେ। ପୂର୍ଣ୍ଣଚନ୍ଦ୍ର କାହିଁକି ଆତ୍ମହତ୍ୟା କଲା, ତା'ର ପ୍ରକୃତ ତଥ୍ୟ ଜଣାପଡ଼ିନାହିଁ। ପୂର୍ଣ୍ଣଚନ୍ଦ୍ର ବାଙ୍ଗାଲୋରରେ ଆତ୍ମହତ୍ୟା କରିଥିବା ଖବର ଶୁଣି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# କେନ୍ଦ୍ରାପଡ଼ା ସହର ମାଷ୍ଟର ପ୍ଲାନ୍‌କୁ ଅପେକ୍ଷା କରିଛି

**କେନ୍ଦ୍ରାପଡ଼ା, ୨।୭ (ଜଗନ୍ନାଥ ଧଳ)**

- ମନମୁଖି ପ୍ରକଳ୍ପ, ଜବରଦଖଲ ସମସ୍ୟା ବଢୁଛି
- ପ୍ରକଳ୍ପର ଉପଯୋଗିତାକୁ ନେଇ ଉଠିଲାଣି ପ୍ରଶ୍ନ
- ଐତିହ୍ୟ ସଂରକ୍ଷଣ ପାଇଁ ମ୍ୟୁଜିୟମ ସ୍ଥାପନ ହେଉ

ଆଗକୁ ସାଧାରଣ ନିର୍ବାଚନ ଆସୁଛି। ଶାସକ ଦଳ ପକ୍ଷରୁ ବିଳମ୍ବିତ ହୋଇଥିବା ପ୍ରକଳ୍ପକୁ ସାରିବାକୁ ତତ୍ପରତା ପ୍ରକାଶ ପାଉଛି। ଏହିକ୍ରମରେ ସହରର ମୁଖ୍ୟସ୍ଥଳ ତିନିମୁହାଣୀ ଛକରେ ମହାତ୍ମା ଗାନ୍ଧୀଙ୍କ କେନ୍ଦ୍ରାପଡ଼ା ଗସ୍ତର ସ୍ମୃତି ପାଇଁ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ପୂର୍ତ୍ତ ବିଭାଗ ତତ୍ପର ହୋଇପଡ଼ିଛି। ନିକଟରେ ଥିବା ଚାକୁଣ୍ଡା ଗଛ ଡାଳକଟା ହେବା ଓ ସେହି ସ୍ଥାନର ପରିଷ୍କାର ପରିଚ୍ଛନ୍ନ କରାଯାଉଛି। ମାତ୍ର ତିନିମୁହାଣୀ ପରି ବ୍ୟସ୍ତବହୁଳ ଛକରେ ଏହି ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ବିରୋଧ ଆରମ୍ଭ ହେଲାଣି। ରାଜ୍ୟର ଏହି ସର୍ବପୁରାତନ ପୌରାଞ୍ଚଳର କୌଣସି ମାଷ୍ଟର ପ୍ଲାନ୍ ନ ଥିବାରୁ ମନମୁଖି ପ୍ରକଳ୍ପ ନିର୍ମାଣ ଓ ଜବରଦଖଲ ସହରକୁ ସଙ୍କୁଚିତ କରୁଛି। ଫଳରେ ଜଳ ନିଷ୍କାସନ ଏକ ସମସ୍ୟା ଭାବେ ଉଭା ହୋଇଛି। ସେହିପରି ଐତିହ୍ୟ ସଂରକ୍ଷଣ ପାଇଁ ଏକ ମ୍ୟୁଜିୟମ ସ୍ଥାପନ କରାଯିବାକୁ ସହରରେ ଆଲୋଚନା ହେଉଛି।

ଏ ସମ୍ପର୍କରେ ସହରର ଚିତ୍ତରଞ୍ଜନ ସାହୁ, ମନୋଜ କୁମାର ସିଂହ, ବିଜୟ କୁମାର ମଣ୍ଡଳ, ଅସୀତ କୁମାର ମହାପାତ୍ର, କ୍ଷିତୀଶ କୁମାର ସିଂହ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ବିଶ୍ୱବାସୀଙ୍କ ଆକର୍ଷଣ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ସେହିପରି ରାଜ୍ୟର ଏକମାତ୍ର ଜିଓ ଟିଡ଼ବୱାଲ, ହୁକିଟୋଲାଠାରୁ ଆରମ୍ଭ କରି ସହର ମଧ୍ୟରେ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଅଛି। ପ୍ରଚାର ପ୍ରସାର ପରେ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। କେନ୍ଦ୍ରାପଡ଼ା ସହର ଏହାର ମଧ୍ୟସ୍ଥଳରେ ଥିବା ବେଳେ ସହରବାସୀଙ୍କ ସଂଖ୍ୟା ଇତିମଧ୍ୟରେ ପ୍ରାୟ ୮୦ ହଜାର ହୋଇଛି। ଆଗାମୀ ଦିନରେ ସହରର ପରିସୀମା ବୃଦ୍ଧିର ପ୍ରସ୍ତାବ ରହିଛି। କୌଣସି ଅଞ୍ଚଳର ବିକାଶ ପାଇଁ ଚିନ୍ତା କଲେ ଆଗାମୀ ୫୦ରୁ ୧୦୦ ବର୍ଷର ସମ୍ଭାବନା ଏଥିରେ ସାମିଲ ଥାଏ। ଏହାକୁ ଦୃଷ୍ଟିରେ ରଖି ରାସ୍ତାଠାରୁ ଜଳ ନିଷ୍କାସନ, ରାତ୍ରିକାଳୀନ ରହଣିଠାରୁ ଭେଣ୍ଡିଂ ଜୋନର ଅବସ୍ଥିତି ପ୍ରତି ସଚେତନ ହେବାକୁ ପଡ଼ିବ। ତେବେ ଗତ ୨୪ ବର୍ଷ ପୂର୍ବେ ପ୍ରତିଷ୍ଠିତ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ କାର୍ଯ୍ୟାଳୟ ଏକ ସାଇନବୋର୍ଡ ମଧ୍ୟରେ ରହିଛି। ପ୍ରକଳ୍ପର ଅନୁମୋଦନ ସମ୍ପର୍କରେ କୌଣସି ଅନୁଧ୍ୟାନ କରାଯାଉନାହିଁ। ଜିଲାର ବ୍ୟସ୍ତବହୁଳ ତିନିମୁହାଣୀ ଛକ ଏବେ ଟ୍ରାଫିକ ସମସ୍ୟାରେ ଅଛି।



କେନ୍ଦ୍ରାପଡ଼ା ସହରର ତିନିମୁହାଣି ଛକ।

କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ସହ ସହର ମଧ୍ୟକୁ ଏହା ସଂଯୋଗସ୍ଥଳ। ଛକକୁ ଅଧିକ ପ୍ରଶସ୍ତ ଓ ଯାତାୟାତ ପାଇଁ ଏହାର ସମ୍ପ୍ରସାରଣ ଜରୁରୀ ହୋଇପଡ଼ିଛି। ଏଥିପାଇଁ ନିକଟରେ ଥିବା ଚଟିପୋଲଠାରୁ ନୂତନ ରାସ୍ତା ନିର୍ମାଣାଧୀନ ଅଛି। ତେବେ ତିନିମୁହାଣୀ ଛକରେ ଏକାଧିକ ପ୍ରକଳ୍ପ ଟ୍ରାଫିକ ସମସ୍ୟାକୁ ଉତ୍କଟ କରିଛି। ଏଠାରେ କିଛିଦିନ ହେବ ଗାନ୍ଧୀ ସ୍ମୃତି ନାମରେ ଏକ ପିଣ୍ଡି ନିର୍ମାଣ ହୋଇଛି। ସେହିପରି ଶୌଚାଳୟ ଓ ଆଇ ଲଭ କେନ୍ଦ୍ରାପଡ଼ା ପ୍ରତୀକ ରହିଥିବାରୁ ରାସ୍ତା ଉପରେ ବାଇକ୍‌ଠାରୁ ଅଟୋର ଭିଡ଼ ଜମୁଛି। ସହରର ପ୍ରବେଶ ପଥରେ ଭେଣ୍ଡିଂ ଜୋନ ପାଇଁ ବ୍ୟବସ୍ଥା ହୋଇଛି। ଏହାସହ ଏଠାରେ ଥିବା ଗେଟର ପ୍ରାସଙ୍ଗିକତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତିନିମୁହାଣୀ ଛକ ନିକଟରେ ଥିବା ଇଣ୍ଡଷ୍ଟ୍ରିଆଲ ଏରିଆରେ ଭେଣ୍ଡି ଜୋନଠାରୁ ଆରମ୍ଭ କରି ଶୌଚାଳୟ, ଗାନ୍ଧି ସ୍ମୃତି ପୀଠ, ଐତିହ୍ୟ ମ୍ୟୁଜିୟମ ଆଦି ହୋଇପାରିଥାନ୍ତା। ଫଳରେ ଆଗାମୀ ଦିନରେ ସହରର ଯାତାୟାତ ସହିତ ସୌନ୍ଦର୍ଯ୍ୟ ପ୍ରଦାନ କ୍ଷେତ୍ରରେ ଏହାର ଭାଗୀଦାରି ରହନ୍ତା। ଜିଲାର କୃଷି ପରି ପର୍ଯ୍ୟଟନ ଶିଳ୍ପ ଆର୍ଥିକ ଉନ୍ନତି ଆଣିପାରିବ। ଏଥିସହ ନିକଟରେ ଆଖଡ଼ାଶାଳି ବନ୍ଦର, ଷ୍ଟିଲ୍ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ହେବ ବୋଲି ରାଜ୍ୟ ସରକାର ଜିଲାବାସୀଙ୍କୁ ସ୍ୱପ୍ନ ଦେଖାଇଛନ୍ତି। ଏସବୁରେ ସହରର ଭୂମିକା କମ୍ ନୁହେଁ। ସହର ମଧ୍ୟରେ ଥିବା ଯାତ୍ରୀ ନିବାସ, ରାତ୍ର ରହଣୀସ୍ଥଳ, କଲ୍ୟାଣ ମଣ୍ଡପ, ଇଚ୍ଛାପୁରରେ ଥିବା ପର୍ଯ୍ୟଟନ ବିଭାଗର ନିବାସର ଉପଯୋଗିତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗାମୀ ଦିନରେ ଜିଲା ବାହାର ଲୋକଙ୍କୁ ରହିବା ସମସ୍ୟା ସୃଷ୍ଟି କରିବ। ଜିଲାରେ ବିକ୍ଷିପ୍ତ ଭାବେ ଥିବା ଐତିହ୍ୟ ସ୍ମାରକୀ ପାଇଁ ମ୍ୟୁଜିୟମ ଆବଶ୍ୟକ। ସେହିପରି ଜବରଦଖଲ ମୁକ୍ତ ନ ହେଲେ ସହର ମଧ୍ୟରୁ ଜଳ ନିଷ୍କାସନ ବ୍ୟବସ୍ଥା ହୋଇପାରିବନି ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ପୌରାଧ୍ୟକ୍ଷା ସରିତା ସାହୁଙ୍କୁ ପଚାରିବାରେ ପ୍ରକଳ୍ପର ଅବସ୍ଥିତି ଓ ସମସ୍ୟା ସମ୍ପର୍କରେ ସମୀକ୍ଷା ହେବ। ଏକ ସୁନ୍ଦର ସହର ଗଠନ ପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

## 'ୱାର୍ଡସ୍ତରରେ ଜନସାଧାରଣଙ୍କ ସହ ସୁସମ୍ପର୍କ ରକ୍ଷା କର'



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା କଂଗ୍ରେସ କର୍ମୀମାନେ।

**ରଘୁନାଥପୁର, ୨।୭ (ରାଜେନ୍ଦ୍ର ନାରାୟଣ ସିଂହ)**

**ବୁଥ, ଏଜେଣ୍ଟ ପରିଚାଳନା କମିଟି ପ୍ରଶିକ୍ଷଣ ଶିବିର**

ରଘୁନାଥପୁର ବ୍ଲକ କଂଗ୍ରେସ ଆଗାମୀ ବିଧାନସଭା ନିର୍ବାଚନର ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଛି। ରବିବାର ସକାଳେ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ପୂରଣଓ ସ୍ଥିତ ଏକ ମଣ୍ଡପରେ ବୁଥ୍ ଓ ଏଜେଣ୍ଟ ପରିଚାଳନା କମିଟିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୫ ବୁଥ୍‌ର ୪୦୦ରୁ ଊର୍ଦ୍ଧ୍ୱ କମିଟି ସଦସ୍ୟ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ୱାର୍ଡସ୍ତରରେ ଜନସାଧାରଣଙ୍କ ସହ ସୁସମ୍ପର୍କ ରକ୍ଷାକରି ସେମାନଙ୍କ ଦୁଃଖସୁଖରେ ଭାଗୀ ହେବା, ନିର୍ବାଚନ ସମୟରେ ଭୋଟ ସଂଗ୍ରହ ସହ ବୁଥ୍ ପରିଚାଳନା କରିବା, ସବୁବର୍ଗର ଭୋଟରଙ୍କ ପାଖରେ ପହଞ୍ଚି ଦଳ ଓ ପ୍ରାର୍ଥୀଙ୍କ ଆଭିମୁଖ୍ୟକୁ ଉଚିତ ଢଙ୍ଗରେ ରଖିବା ଏବଂ ଶୃଙ୍ଖଳିତ ସୈନିକ ଭାବେ ଦଳର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ସମୟରେ ସମୟାନୁବର୍ତ୍ତିତାକୁ ପ୍ରାଧାନ୍ୟ ଦେବାପାଇଁ ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ ସୁଦର୍ଶନ ଦାସ କମିଟି ସଦସ୍ୟଙ୍କୁ ବୁଝାଇଥିଲେ। ସେହିପରି ରାଜନୀତିରେ ସୋସିଆଲ ମିଡିଆର ଗୁରୁତ୍ୱ ସମ୍ପର୍କରେ ସାଇ ପ୍ରଭଞ୍ଜନ ମହାପାତ୍ର ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଦାସ ପୌରୋହିତ୍ୟ କରିଥିଲେ। ଜିଲା ସଭାପତି ନଟବର ବାରିକ ଓ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଯୁବନେତା ଇଂ.ମଲ୍ଲିକ ପ୍ରଶିକ୍ଷଣ ଶିବିର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ବ୍ଲକ କଂଗ୍ରେସ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ବିରିଡ଼ି ବ୍ଲକ ସଭାପତି ପ୍ରିୟବ୍ରତ ମିଶ୍ର, ତିର୍ତ୍ତୋଲ ସଭାପତି ନିହାର ରଞ୍ଜନ ନାୟକ, ଆଇନଜୀବୀ ଦୀପକ ପଶାୟତ, ସରପଞ୍ଚ ସଫି ଆଜମ, କର୍ମକର୍ତ୍ତା ଜିତେନ୍ଦ୍ର ମହାନ୍ତି, ରଞ୍ଜିତ ଜେନା, ମନମୋହନ ଗୋଚ୍ଛାୟତ, ହେମନ୍ତ ବେହେରା, ସ୍ୱପ୍ନାରାଣୀ ଦାସ, କନକଲତା ସେଠୀ, ସୁଜାତା ଦାସ, ବିଷ୍ଣୁ ବିଶ୍ୱାଳଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## '୪ ମାସରେ ପକ୍କାଗୃହ ନିର୍ମାଣ କରି ପ୍ରୋତ୍ସାହନ ରାଶି ନିଅ'

**ରଘୁନାଥପୁର, ୨।୭ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ସରପଞ୍ଚ ବଟକୃଷ୍ଣ ନାୟକ ରବିବାର ପକ୍କାଗୃହ ପାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଡାକି ସଚେତନ କରିଛନ୍ତି। କାର୍ଯ୍ୟାଦେଶ ପାଇବାର ୪ ମାସ ଭିତରେ ପକ୍କାଗୃହ ନିର୍ମାଣ କରି ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ସ୍ୱରୂପ ଅଧିକ ୨୦ ହଜାର ଟଙ୍କା ହାତେଇବା ପାଇଁ ସରପଞ୍ଚ ନାୟକ ହିତାଧିକାରୀଙ୍କୁ ବୁଝାଇଥିଲେ। ଯେଉଁମାନେ ଘର ନିର୍ମାଣ କରିବାରେ ଅସମର୍ଥ ହେଉଛନ୍ତି, ସେମାନେ ଚାହିଁଲେ ସିମେଣ୍ଟ, ଗୋଡି ଓ ଇଟା ଇତ୍ୟାଦି ଯୋଗାଇ ଦିଆଯିବ ବୋଲି ସରପଞ୍ଚ ନାୟକ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଏହି ପଞ୍ଚାୟତରେ ମୋଟ ୨୯ ଜଣ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଗୃହ ପାଇଛନ୍ତି। ୬ ଜଣ ବ୍ୟକ୍ତି ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରତି ଗୃହ ନିର୍ମାଣ ପାଇଁ ସରକାର ୧ ଲକ୍ଷ ୨୦ ହଜାର ଟଙ୍କା ଓ ଚାରିମାସ ଭିତରେ ଘର କରିଦେଲେ ପ୍ରୋତ୍ସାହନ ରାଶି ଦିଆଯାଉଛି। ଏହାଛଡା ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ପାଇଁ ଅଧିକ ୨୧ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି ବୋଲି ସରପଞ୍ଚ ନାୟକ ପ୍ରକାଶ କରିଛନ୍ତି।

## ଆଇଏଫ୍‌ଏସ୍ ପାଇଲେ ଆଳିର ଅମ୍ଳାନ

**ଆଳି, ୨।୭ (ବନମାଳୀ ସେନାପତି)**



କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ଜଣେ ଉଦୀୟମାନ ଯୁବକ ଭାରତୀୟ ବନ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ଆଳି ବ୍ଲକ ଚଣ୍ଡିଆଗଡ଼ି ପଞ୍ଚାୟତ ସୁଦର୍ଶନପୁର ଗ୍ରାମର କବିତା ସାହୁ ଓ ଅଜୟ ସାହୁଙ୍କ ପୁଅ ଅମ୍ଳାନ ଗତବର୍ଷ ଓଏଏସ୍ ପାଇ ଭୁବନେଶ୍ୱରରେ ଟ୍ରେନିଂରେ ଅଛନ୍ତି। ତାଙ୍କର ଥିବା ପରବର୍ତ୍ତୀ ଲକ୍ଷ୍ୟ ଅନୁଯାୟୀ, ୟୁନିୟନ ପବ୍ଲିକ ସର୍ଭିସ କମିଶନ ଦ୍ୱାରା ଆୟୋଜିତ ୨୦୨୨ ଇଣ୍ଡିଆନ ଫରେଷ୍ଟ ସର୍ଭିସ ପରୀକ୍ଷା ଦେଇ ସାଧାରଣ ବର୍ଗରେ ୧୨୬ ତମ ମାନ୍ୟତା ହାସଲ କରିଛନ୍ତି। ୨୦୨୩ ଜୁନରେ ଅନୁଷ୍ଠିତ ପର୍ସନାଲିଟି ଟେଷ୍ଟରେ ସେ ମଧ୍ୟ ଯୋଗ୍ୟ ବିବେଚିତ ହୋଇ ଏହି ସଫଳତା ହାସଲ କରିଛନ୍ତି। ସେ ପିଲା ବେଳୁ ଜଣେ ମେଧାବୀ ଛାତ୍ର ଭାବେ ସୁନାମ ଅର୍ଜନ କରିଥିବା ବେଳେ ସେ ମାଧ୍ୟମିକ ଶିକ୍ଷାରେ ଢେଙ୍କାନାଳର ମୋଣ୍ଟଫୋର୍ଟ ସ୍କୁଲ ଆଇସିଏସ୍‌ଇ କୋର୍ସରେ ୯୩.୬ ଶତକଡା ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଅମ୍ଳାନ ଭୁବନେଶ୍ୱରର ମଦର ପବ୍ଲିକ୍ ସ୍କୁଲରୁ ଯୁକ୍ତ ୨ ବିଜ୍ଞାନରେ ୯୩ ଶତକଡା ନମ୍ବର ରଖିଥିଲେ। ଏହାପରେ ସେ ରାଉରକେଲା ଏନ୍‌ଆଇଟିରେ ସିଭିଲ ଇଞ୍ଜିନିୟରିଂ କରିଥିଲେ। ସେ ଦୈନିକ ୮ ଘଣ୍ଟା ପରିଶ୍ରମ କରୁଥିଲେ। ସେ ଏହାର ଶ୍ରେୟ ମା' ବାପାଙ୍କୁ ଦେଇଛନ୍ତି। ତାଙ୍କ ବାପା ଭୁବନେଶ୍ୱରରେ ବନ ବିଭାଗର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବେଳେ ମା' ଜଣେ ଗୃହିଣୀ। ଏହି ଖବର ଜଣାପଡ଼ିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ଶୁଅ ଛୁଟିଛି।

## ଟ୍ରେନ୍ ଧକ୍କାରେ ଯୁବକ ଗୁରୁତର

**ରୂପସା, ୨।୭ (ବାଞ୍ଛାନିଧି ଦେ)** ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ରୂପସା-ବାରିପଦା ରେଳ ଲାଇନ୍‌ର ବାମଡ଼ା ଲକ୍ଷ୍ମୀନାରାୟଣ ନିକଟରେ ଶନିବାର ରାତିରେ ଟ୍ରେନ୍ ଧକ୍କାରେ ରବୀନ୍ଦ୍ର ବିଶ୍ୱାଳ ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ରବୀନ୍ଦ୍ର ରାତିରେ ଉକ୍ତ ସ୍ଥାନରେ ରେଳ ଧାରଣା ନିକଟରେ ଶୋଇଥିଲେ। ରୂପସାରୁ ବାଙ୍ଗିରିପୋଷି ଯାଉଥିବା ସାଲିମାର ଏକ୍ସପ୍ରେସ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଯୁବକ ଜଣକ ରେଳ ଧାରଣାରେ ଛିଟ୍‌କି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ବାମହାତର ଦୁଇଟି ଆଙ୍ଗୁଳି କଟି ଯାଇଥିଲା।

## ଯୁବକଙ୍କୁ ମାଡ଼: ଗିରଫ ଦାବିରେ ମହିଳା ଥାନାର ଦ୍ୱାରସ୍ଥ

**ଏରସମା, ୨।୭ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)**

ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ ଅଜଗରବେଦୀ ଗ୍ରାମର ସୁବାସ ଚନ୍ଦ୍ର ମଣ୍ଡ ନାମକ ଯୁବକଙ୍କୁ ରବିବାର ଅପରାହ୍ନରେ ମାଡ଼ ମରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସେହି ଗ୍ରାମର ଅଞ୍ଜନା ଘଡାଇ, ଦେବୀ ବର, ସୁଷମା ବର, ପାରୁଲ ଘଣେଇ, ବାସନ୍ତୀ ଘଣେଇ, ମମତା ମଣ୍ଡଳ, ଅର୍ଚ୍ଚନା ଦାସ, ଚମ୍ପା ବର, ଗୌରୀ ବର ପ୍ରମୁଖ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁଯାୟୀ, ସୁବାସଙ୍କ ସହ ଅଭିଯୁକ୍ତମାନଙ୍କ ପୂର୍ବ ଶତ୍ରୁତା ଲାଗି ରହିଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅଧିକାଂଶ ସମୟରେ ବଚସା ଲାଗି ରହୁଥିଲା। ରବିବାର ଅପରାହ୍ନରେ ସେହି ଗ୍ରାମର ଅମର ବରଙ୍କ ଏକାଦଶାହରେ ଭୋଜିର ଆୟୋଜନ କରାଯାଇଥିଲା। ସୁବାସଙ୍କ ନେତୃତ୍ୱରେ ଗ୍ରାମବାସୀ ଏଥିରେ ସହଯୋଗ କରୁଥିଲେ। ଏଥିଯୋଗୁ ଇର୍ଷାନ୍ୱିତ ହୋଇ ୨ ଜଣ ଯୁବକ କାଠ ଫାଳିଆରେ ସୁବାସଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଆସିଯିବାରୁ ସେମାନେ ଘଟଣା ସ୍ଥଳରୁ ପଳାଇଯାଇଥିଲେ। ଏହାପରେ ଗ୍ରାମବାସୀ ସୁବାସଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ରିପୋର୍ଟ ଲେଖା ହେବାବେଳକୁ ଥାନାରେ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିଲା ବୋଲି ଥାନା ଅଧିକାରୀ ନିରଞ୍ଜନ ଦାସ କହିଛନ୍ତି।



ଏରସମା ଥାନା ସମ୍ମୁଖରେ ମହିଳାମାନେ ଏକତ୍ରିତ ହୋଇଛନ୍ତି।

**ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ**

# ୯ ବର୍ଷରେ ୨୬ ହରିଣ ମୃତ

**ଜଗତ୍‌ସିଂହପୁର, ୨।୭ (ପ୍ରମୋଦ କୁମାର ନାୟକ)**

- ଟ୍ରେନ୍ ଧକ୍କା, କୁକୁର ଆକ୍ରମଣ ପ୍ରମୁଖ କାରଣ
- ଖାଦ୍ୟ ଅନ୍ୱେଷଣରେ ବାହାରକୁ ଯିବା ମହଙ୍ଗା ପଡୁଛି
- ତାରବାଡ଼ ଉପରେ ଗୁରୁତ୍ୱ



ଜଗତ୍‌ସିଂହପୁର ସହରରୁ ମାତ୍ର ୧୫ କିଲୋମିଟର ଦୂରରେ ରହିଛି ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ପିଆର୍‌ଏଫ୍)। ଏହା ଭିତରେ ରହୁଛନ୍ତି ପାଖାପାଖି ୩୦୦ଟି ହରିଣ (ସ୍ପଟେଡ୍ ଡିୟର)। ଏହି ହରିଣମାନଙ୍କ ଯୋଗୁ ପ୍ରତିବର୍ଷ ଶୀତଦିନେ ଧଳତଙ୍ଗଗଡ଼କୁ ପର୍ଯ୍ୟଟକଙ୍କ ବହୁ ସଂଖ୍ୟାରେ ଆଗମନ ହୋଇଥାଏ। କିନ୍ତୁ ଦୁଃଖର କଥା ହେଲା ସେମାନଙ୍କ ପ୍ରତି ଦିନକୁ ଦିନ ବିପଦ ବଢିବାରେ ଲାଗିଛି। ଶିକାରୀ କୁକୁରଙ୍କ ଆକ୍ରମଣ ସାଙ୍ଗକୁ ଟ୍ରେନ୍ ଧକ୍କାରେ ପ୍ରତିବର୍ଷ ହରିଣଙ୍କ ମୃତ୍ୟୁ ଘଟୁଛି। ସମ୍ପ୍ରତି କେବଳ ଧଳତଙ୍ଗଗଡ଼ ନୁହେଁ, ସାରା ଦେଶରେ ହରିଣଙ୍କ ସଂଖ୍ୟା କମି ଚାଲିଛି। ଏନେଇ ସେମାନଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରାଯାଉଛି। ସରକାରୀ ତଥ୍ୟ ଅନୁଯାୟୀ ଧଳତଙ୍ଗଗଡ଼ ପିଆର୍‌ଏଫ୍‌ରେ ୨୦୧୫ରୁ ଏଥିମଧ୍ୟରେ ଅର୍ଥାତ୍ ୯ ବର୍ଷରେ ୨୬ଟି ହରିଣଙ୍କ ମୃତ୍ୟୁ ଘଟିଛି। ବାସ୍ତବ କ୍ଷେତ୍ରରେ କିନ୍ତୁ ଏହି ସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି କୁହାଯାଉଛି। ତେଣୁ ବନ ବିଭାଗ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ଏବେଠାରୁ ପଦକ୍ଷେପ ଗ୍ରହଣ ନ କଲେ ଦିନ ଆସିବ ଧଳତଙ୍ଗଗଡ଼ ହରିଣ ଶୂନ ହୋଇଯିବ ବୋଲି ପ୍ରାଣୀ ପ୍ରେମୀମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ ୨୦୧୫ରେ ୨, ୨୦୧୭ରେ ୧, ୨୦୧୮ରେ ୨, ୨୦୧୯ରେ ୮, ୨୦୨୦ରେ ୧, ୨୦୨୧ରେ ୮, ୨୦୨୨ରେ ୨ ଓ ୨୦୨୩ ଏପ୍ରିଲ ସୁଦ୍ଧା ୨ଟି ଲେଖାଏ ହରିଣଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ୨୮।୧୨।୧୭ରେ ହରିଣକୁ ମୃତ୍ୟୁକୁ ସେତେବେଳେ ଆଲୋଚନା ଜୋର ଧରିଥିଲା। କାରଣ ଏହି ହରିଣକୁ ହଂସୁଆ ନଦୀ ପାଖ ଏରଡ଼ଙ୍ଗ ପଞ୍ଚାୟତ ବାଙ୍କିଆବାଟିଠାରେ ମାରି ଦିଆଯାଇଥିଲା। ବନ ବିଭାଗ ଘଟଣାସ୍ଥଳରୁ କିଛି ସାମଗ୍ରୀ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଏହାପରେ କିନ୍ତୁ କେହି ହରିଣ ମାରି ନ ଥିବା ସରକାରୀ ଭାବେ ଦର୍ଶାଯାଉଥିଲେ ସୁଦ୍ଧା ଏହା ଉପରେ ଅନୁଧ୍ୟାନ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି କୁହାଯାଉଛି। ଅନ୍ୟପଟେ ୨୦୧୯ରୁ ୨୦୨୩ ଏପ୍ରିଲ ସୁଦ୍ଧା ଟ୍ରେନ୍ ଦୁର୍ଘଟଣାରେ ୧୦ରୁ ଅଧିକ ହରିଣଙ୍କ ମୃତ୍ୟୁ ହୋଇଛି। ଚିକିତ୍ସା ଅଭାବ ଓ କୁକୁର କାମୁଡା କାରଣରୁ ମଧ୍ୟ ଅନେକଙ୍କ ମୃତ୍ୟୁ ହୋଇଛି। ଏସବୁର କାରଣ ଯାହା କିଛି ଥାଉନା କାହିଁକି ବନ ବିଭାଗର ଆନ୍ତରିକତା ଅଭାବରୁ ହରିଣମାନଙ୍କ ଜୀବନ ବିପଦଗାମୀ ହେଉଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଅରଣ୍ୟ ଅଭିଯାନ କାର୍ଯ୍ୟ ନିର୍ବାହୀ ସନ୍ତୋଷ କୁମାର ପ୍ରଧାନ, ପରିବେଶବିତ୍ ଚୈତନ୍ୟ ଚରଣ ଦାଶ, ମୁରଲୀଧର ସ୍ୱାଇଁ ପ୍ରମୁଖ କହିଛନ୍ତି, ଜୁଲାଇ୧ରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି। କିନ୍ତୁ ଏହା କେବଳ ଔପଚାରିକତା ପାଇଁ କରାଯାଉଥିବା ଅନୁଭବ ହେଉଛି। ଧଳତଙ୍ଗଗଡ଼ରେ ବହୁ ସଂଖ୍ୟକ କଣ୍ଟା ବାଉଁଶ ଗଛ ରହିଛି। ସେଥିମଧ୍ୟରୁ ଅନେକ ବୁଦା ମରି ସେଥିରେ ଲତା ମାଡି ଗଲାଣି। ଏଗୁଡିକୁ ଉଠାଯାଇ ଫଳନ୍ତି ଗଛ ଲଗାଇବା ଆବଶ୍ୟକ। କାରଣ ଧଳତଙ୍ଗଗଡ଼ରୁ ଆମ୍ବ, ପଣସ, କୋଚିଲା, କରଞ୍ଜ ଆଦି ଫଳନ୍ତି ଗଛ ସଂଖ୍ୟା କମି ଚାଲିଛି। ପୋଲିସ ବ୍ୟବହାର କରୁଥିବା ଲାଠି ବେତରୁ ତିଆରି ହେଉଛି। ଏହିପ୍ରକାର ବେତ ସଂଖ୍ୟା ଧଳତଙ୍ଗଗଡ଼ରେ ପ୍ରଚୁର ଥିଲା। କିନ୍ତୁ ଏହାକୁ କାଟି ବିକ୍ରି କରି କିଛି ଅସାଧୁ ଲୋକ ଭଲ ଅର୍ଥ ରୋଜଗାର କରୁଛନ୍ତି। ଜାତୀୟ ରାଜପଥ ଓ ଅନ୍ୟ ରାସ୍ତା ସମ୍ପ୍ରସାରଣ ପାଇଁ ବହୁ ପୁରାତନ ଗଛ କାଟି ଦିଆଯାଇଛି। ଧଳତଙ୍ଗଗଡ଼ ଜଙ୍ଗଲରୁ ମଧ୍ୟ ମୂଲ୍ୟବାନ ଗଛ ଚୋରି ହେଉଛି। ଏଥିଯୋଗୁ ବନ୍ୟପ୍ରାଣୀ, ପକ୍ଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ବିଶେଷକରି ଖାଦ୍ୟାଭାବ କାରଣରୁ ହରିଣମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ଯାଇ ବିପଦଗାମୀ ହେଉଛନ୍ତି। ଯେହେତୁ ଧଳତଙ୍ଗଗଡ଼ ନିକଟରେ ରେଳ ଧାରଣା ଯାଇଛି ତେଣୁ ଏହା ଅତିକ୍ରମ କଲାବେଳେ ଅନେକ ସମୟରେ ଏହି ନିରୀହ ପ୍ରାଣୀ ମୃତାହତ ହେଉଛନ୍ତି। ଏ ପରିସ୍ଥିତିରେ ବନ ବିଭାଗ ଜଙ୍ଗଲ ଚାରିପଟେ ପାଚେରୀ ସହ ଏହି ପରିସରରେ ପର୍ଯ୍ୟାପ୍ତ ଘାସ ଓ ଲତା ଆଦି ଲଗାଇବା ଜରୁରୀ। ଜଙ୍ଗଲ ଭିତରେ ଥିବା ପୋଖରୀଗୁଡ଼ିକ ଶୁଖିଯାଉଥିବାରୁ ସେଗୁଡ଼ିକୁ ଗଭୀର କିମ୍ବା ବୋରିଂ ମାଧ୍ୟମରେ ଜଳପୂର୍ଣ୍ଣ କରାଯିବା ଉଚିତ୍ ଆବଶ୍ୟକ ସଂଖ୍ୟକ ବନ କର୍ମଚାରୀ ନିୟୋଜିତ ସହ ସେମାନେ ନିଷ୍ଠାର ସହ କାମ କରିବା ଦରକାର ବୋଲି ଏହି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ଏହା ଉପରେ ଧଳତଙ୍ଗଗଡ଼ ରେଞ୍ଜ ଅଫିସର ରବୀନ୍ଦ୍ର ନାଥ ମହାନ୍ତିଙ୍କୁ ପଚାରିବାରୁ ଖାଦ୍ୟାଭାବ ଯୋଗୁ ଅନେକ ସମୟରେ ହରିଣମାନେ ଜଙ୍ଗଲ ବାହାରକୁ ଚାଲିଯାଉଥିବାରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହାର ପ୍ରତିକାର ସହ ଅନ୍ୟାନ୍ୟ ପ୍ରସଙ୍ଗରେ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜୁଲାଇ, ୨୦୨୩

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବାଲିଗୁଡ଼ା,(ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡ଼ା ଥାନା ଜକିକିଆ ନିକଟରେ ରବିବାର ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ କ.ନୂଆଗାଁ ଥାନା ରାଜଘରା ଗ୍ରାମର ସୁବେରସିଂ ପ୍ରଧାନଙ୍କ ପୁଅ ଆଡଭାନସିଂ । ସକାଳେ ରାଜଘରା ଗ୍ରାମର ଦୁଇ ଯୁବକ ଆଡଭାନସିଂ ପ୍ରଧାନ ଓ ଦିନେଶ କୁମାର ପ୍ରଧାନ ଏକ ବାଇକ୍‌ରେ କୌଣସି କାମରେ ଯାଉଥିବା ବେଳେ ୫୯ ନଂ ଜାତୀୟ ରାଜପଥ ଜକିକିଆ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଖବର ପାଇ ସେହି ଅଞ୍ଚଳର ଯୁବ ସାମାଜିକ କର୍ମୀ ଅରୁଣ ନାୟକ ନିଜ ଅଟୋରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡ଼ା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଆଡଭାନସିଂଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଟ୍ରକ ପଛକୁ ଧକ୍କା ଦେଲା ଟ୍ରକ, ୩ ଗୁରୁତର

ଛତ୍ରପୁର,୨।୭(ସନ୍ତୋଷ ପାଢ଼ୀ ): ଛତ୍ରପୁର ନିକଟ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖ ୧୬ ନଂ ଜାତୀୟ ରାଜପଥରେ ଏକ ଟ୍ରକ ପଛକୁ ଆଉ ଏକ ଟ୍ରକ ଧକ୍କା ଦେବାରୁ ୩ ଜଣ ଗୁରୁତର ହୋଇଛନ୍ତି । ଶନିବାର ବିଳମ୍ବିତ ରାତିରେ ଛତ୍ରପୁର ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥରେ (ଓଡି ୦୯କେ୬୧୧୭) ନମ୍ବର ଏକ ଟ୍ରକ ଖରାପ ହୋଇଯିବାରୁ ତାକୁ ମରାମତି କରାଯାଉଥିବା ବେଳେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଅନ୍ୟ ଏକ ଟ୍ରକ (ଓଡି ୦୨ବିଏମ ୩୬୫୫ ) ତାକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଡ୍ରାଇଭରଙ୍କ ସମେତ ୩ ଜଣ ଗୁରୁତର ଆହତ ହୋଇଥିଲେ । ଛତ୍ରପୁର ଅଗ୍ନିଶମ ବିଭାଗ ପହଞ୍ଚି ଟ୍ରକର କବାଟ କାଟି ସମସ୍ତଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲ ଓ ପରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲେ। ଅଧିକ ଚିକିତ୍ସା ନିମନ୍ତେ ଗୁରୁତରମାନଙ୍କୁ ଭୁବନେଶ୍ୱର ମେଡିକାଲକୁ ପଠାଯାଇଛି ।

### ଘରୁ ଲୁଟ ଘଟଣା, ପୋଲିସ ହାତ ଖାଲି

ଛତ୍ରପୁର,୨।୭(ସନ୍ତୋଷ ପାଢ଼ୀ ): ଚମାଖଣ୍ଡି ଥାନା ଅନ୍ତର୍ଗତ ଘଡ଼ଘଡାପଲ୍ଲୀର ରାଧାମୋହନ ମହାରଣା ପରିବାର ରଥଯାତ୍ରା ଦେଖିବା ପାଇଁ ପୁରୀ ଯାଇଥିବା ବେଳେ ଘରେ ଲୁଟେରା କଳାକନା ବୁଲାଇଥିଲେ। ଘରର କବାଟ ତାଡି ଲକରରୁ ୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହ ଲାପଟପ ଓ ଅନ୍ୟାନ୍ୟ ଦାମୀ ଜିନିଷ ଲୁଟି ନେଇଥିଲେ। ଲୁଟେରା ସିସି ଟିଭି କ୍ୟାମେରାର ହାର୍ଡ ଡିସ୍କକୁ ତାଡି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ପରିବାର ଲୋକେ ରବିବାର ଗଣମାଧମ ଆଗରେ କହିଛନ୍ତି। ବାରମ୍ବାର ଉକ୍ତ ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଲୁଟ ଘଟଣା ଘଟୁଥିବା ବେଳେ ପୋଲିସ ତଦନ୍ତରେ ଶିଥିଳତାକୁ ନେଇ ପ୍ରଶ୍ନ ଉଠିଛି ।

### ଚାରା ବିତରଣ କେନ୍ଦ୍ର ଶୁଭାରମ୍ଭ

ଶେରଗଡ,୨।୭(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ଼ ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ଶିବାଶିଷ ବରାଳ ଯୋଗଦେଇ ଉକ୍ତ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଆସିକା ରେଜର ପ୍ରମୋଦ କୁମାର ପଣ୍ଡା, ସରପଞ୍ଚ ତାକରଡା ରାଜେନ୍ଦ୍ର ସେଠୀ ଯୋଗଦେଇଥିଲେ। ସମସ୍ତ ଅତିଥିଙ୍କ ଉପସ୍ଥିତିରେ ଚାରା ବଣ୍ଟନ ଆରମ୍ଭ କରାଯାଇଛି।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଖଲ୍ଲିକୋଟ,୨।୭(ପ୍ରଶାନ୍ତ ମିଶ୍ର): ଖଲ୍ଲିକୋଟ ବ୍ଲକ ପଥରା ହରିହର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ୍ୱର ବରାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ସ୍କୁଲ ପରିଚାଳନା କମିଟି ସଭାପତି କୈଳାସ ଦଳେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ଇତିଶ୍ରୀ ଜେନା, ଧବଳେଶ୍ୱର ମାଳି, ସୋମନାଥ ପାତ୍ର, ବିପିନ ବିହାରୀ ମିଶ୍ର, ମିନାକ୍ଷୀ ସାହୁ, ସୈଳାଳା ପରିଡ଼ା ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବରାଳ ପଦୋନ୍ନତି ପାଇ ଏହି ବିଦ୍ୟାଳୟକୁ ଆସିଥିଲେ। ତାଙ୍କ କାର୍ଯ୍ୟ ଶୈଳୀକୁ ନେଇ ଅଳ୍ପ ସମୟ ମଧରେ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ସଭାରେ ତାଙ୍କୁ ଉପଢୌକନ ଏବଂ ଉପହାର ଦେଇ ସମ୍ମାନିତ କରାଯାଇଥିଲା।

# ୫ ବର୍ଷ ହେଲା ଅଧାପନ୍ତରିଆ ଯାତ୍ରୀ ବିଶ୍ରାମାଗାର

## ପୀଡିକାରିପି ଗ୍ରାମବାସୀ ହନ୍ତସନ୍ତ

ଦାରିଙ୍ଗବାଡି/ ବ୍ରାହ୍ମଣିଗାଁ, ୨/୭ (ଅରୁଣ ସାହୁ /ମନୋରଞ୍ଜନ ରଣା)

ଦାରିଙ୍ଗବାଡି ବ୍ଲକ ହାତୀମୁଣ୍ଡ ପଞ୍ଚାୟତ ପୀଡିକାରିପି ଗ୍ରାମରେ ଥିବା ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବା ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଉକ୍ତ ଗ୍ରାମଟି ଦୁର୍ଗମ ଅଞ୍ଚଳରେ ରହିଥିବା ବେଳେ ଗାଁ ମୁଣ୍ଡରେ ଲୋକେ ବିଭିନ୍ନ ଯାତ୍ରୀବାହୀ ଗାଡିକୁ ଅପେକ୍ଷା କରିବା ପାଇଁ ଗଛ ମୂଳ ଭରସା କରିବାକୁ ପଡୁଥିଲା। ଲୋକଙ୍କ ଏକାଧିକ ଦାବି ପରେ ପ୍ରଶାସନ ସେଠାରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଅନୁଦାନ ଦେଲେ, ହେଲେ ଦୀର୍ଘ ୫ ବର୍ଷ ହେଲା ଉକ୍ତ ବିଶ୍ରାମାଗାରର ଛାତ ପଡ଼ିନାହିଁ। ଫଳରେ ତାହା ଏବେ ନଷ୍ଟ ହେବାକୁ ବସିଲାଣି ବୋଲି ଗ୍ରାମର ବ୍ରହ୍ମାନନ୍ଦ ଦେଶମାଝି କହିଛନ୍ତି। ଏବେ ବର୍ଷା ଦିନ ଆସିଲା ତେଣୁ ଲୋକଙ୍କ ସମସ୍ୟା ପ୍ରତିବର୍ଷ ଭଳି ଦ୍ୱିଗୁଣିତ ହୋଇଯାଇଛି। ସେହିପରି ରଷିମାଳ ପର୍ବତକୁ ଶ୍ରଦ୍ଧାଳୁମାନେ ଆସୁଥିବା ବେଳେ ଏବେ ଘାଟି ଚଢି ଥକ୍କା ଲାଗିଲେ ବିଶ୍ରାମ ଟିକିଏ ନେବାକୁ ହଇରାଣ ଭୋଗୁଛନ୍ତି। ଶୀଘ୍ର ଉକ୍ତ ଯାତ୍ରୀ ବିଶ୍ରାମାଗାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବିଡିଓ ଗଦାଧର ପାତ୍ର କହିଛନ୍ତି ଯେ ବିଶ୍ରାମାଗାର କାର୍ଯ୍ୟ ପାଇଁ ଆହୁରି ଅନୁଦାନ ଦିଆଯିବା ବ୍ୟବସ୍ଥା କରାଯିବ ଏବଂ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।


ଅଧାପନ୍ତରିଆ ଯାତ୍ରୀ ବିଶ୍ରାମାଗାର।

# ଅନାମିକାଙ୍କ ଚିତ୍ର ମନ ମୋହୁଛି

ଟିକାବାଲି,୨।୭(ଗଗନ ବିହାରୀ ପଟନାୟକ )

ବିଭିନ୍ନ ଚିତ୍ର ଅଙ୍କିବାରେ ମାହିର ହୋଇଛନ୍ତି କନ୍ଧମାଳ ଜିଲା ଟିକାବାଲି ବ୍ଲକ ଭୋଇ ସାହିର ଅନାମିକା ଭୋଇ। ୨୦୧୮ରେ ବିଜ୍ଞାନରେ ସ୍ନାତକ ସାରିବା ପରେ, ବର୍ତ୍ତମାନ ଘରେ ରହି ବିଭିନ୍ନ କୋଚିଂ ନେଉଛନ୍ତି। ଏହା ସହିତ ଘରେ ରହି ବିଭିନ୍ନ କଳାକୃତି ଏବଂ ଚିତ୍ର କରୁଛନ୍ତି। ସେ କିରିଗାମୀ କଳାକୃତି ସହିତ ସାରୁ ପତ୍ର, ନଡ଼ିଆ, ଆଇସକ୍ରିମ କାଠି ଏବଂ ଅନ୍ୟାନ୍ୟ ସାମଗ୍ରୀରେ ବିଭିନ୍ନ କଳାକୃତି ଏବଂ ଚମତ୍କାର ଚିତ୍ର ସବୁ କରୁଛନ୍ତି। ବର୍ତ୍ତମାନ ଘୋଷଯାତ୍ରା ଅବସରରେ ସେ ମହାପ୍ରଭୁ ଜଗନ୍ନାଥଙ୍କ ଚିତ୍ର ସାରୁ ପତ୍ର ଏବଂ ନଡ଼ିଆ ଉପରେ ଅତି ସୁନ୍ଦର ଭାବେ କରିଛନ୍ତି। ରଥଯାତ୍ରାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ସେ ପ୍ରତ୍ୟେକ ଦିନ ମହାପ୍ରଭୁ ଜଗନ୍ନାଥଙ୍କ ଚିତ୍ର ସାରୁ ପତ୍ର, ନଡ଼ିଆ,ପ୍ଲାଏ ଉଡ, କାଚ ପ୍ଲେଟ, କାଠ ପାଟିଆ, କୁଲା ଏବଂ ମୟୁର ପିଞ୍ଚ ପ୍ରଭୃତିରେ କରିଛନ୍ତି। ମହାପ୍ରଭୁଙ୍କ ସୁନା ବେଶର ଚିତ୍ର ମଧ ସେ ଏକ ପ୍ଲାଏ ଉଡ ଉପରେ ଅତି ସୁନ୍ଦର ଭାବେ ଆଙ୍କିଛନ୍ତି। ଅନାମିକା ପିଲା ବେଳୁ ଚିତ୍ର କରିବାକୁ ବହୁତ ଭଲ ପାଉଛନ୍ତି ଏବଂ ଦିନକୁ ଦିନ ତାଙ୍କର ଏ ରୁଚି ବଢ଼ିବାରେ ଲାଗିଛି। ବର୍ତ୍ତମାନ ସେ ଏଭଳି ସବୁ ଚିତ୍ର କରି ବହୁତ ଖୁସି ଅନୁଭବ କରୁଥିବା ବେଳେ ସୁଯୋଗ ମିଳିଲେ କଳାରେ ଭବିଷ୍ୟତ ଗଢ଼ିବାକୁ ଆଶା ରଖିଥିବା କହିଛନ୍ତି। ଏହିପରି ରୁଚି ଦେଖି ତାଙ୍କ ବାପା, ମା ଏବଂ ସେହିଭଳି ଅନାମିକାଙ୍କ ଚିତ୍ରକଳା କରିବାରେ ସମସ୍ତେ ବହୁତ ଖୁସି ବୋଲି କହିଛନ୍ତି।


ଅନାମିକା ଆଙ୍କିଥିବା ଚିତ୍ର।

# ବିଭିନ୍ନ କିସମର ଚାରା ରୋପଣ

ପାରଳାଖେମୁଣ୍ଡି,୨।୭(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବେତାଗୁଡାଠାରେ ଥିବା ରିଜର୍ଭ ପୋଲିସ ପଡିଆ ପରିସରରେ ୭୪ତମ ବନ ମହୋତ୍ସବ ଅବସରରେ ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଜିଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍.କୁମାର, ସ୍ଥାନୀୟ ବନଖଣ୍ଡ ଅଧିକାରୀ ଏସ୍. ଆନନ୍ଦ ଯୋଗଦେଇ ଚାରାରୋପଣ ସମ୍ବନ୍ଧୀୟ ସଚେତନତା କରିଛନ୍ତି। ୭୪ତମ ବନ ମହୋତ୍ସବ ସପ୍ତାହବ୍ୟାପୀ ପାଳନ ଅବସରରେ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏଥିନିମନ୍ତେ ଜିଲାବ୍ୟାପୀ ତଥା ପାରଳାଖେମୁଣ୍ଡିଠାରେ ମଧ ଚାରାରୋପଣ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରିଜର୍ଭ ପଡିଆ ପରିସରରେ ବିଭିନ୍ନ କିସମର ୫୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଏପିଆରଏଫ୍‌ର ରିଜର୍ଭ ଇନ୍ସପେକ୍ଟର ଡମ୍ବରୁଧର ହୋନାଗା, ବନାଞ୍ଚଳ ଅଧିକାରୀ ଏନ୍. ଡି. ଶର୍ମା, ପାରଳାଖେମୁଣ୍ଡି ବନପାଳ ପି. ଭେଙ୍କଟ ରାବଣା, ପାରଳାଖେମୁଣ୍ଡି ବନରକ୍ଷୀ ଶିବରାମ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି, ଲୋକେ ହନ୍ତସନ୍ତ

## ଡ୍ରେନେଜ୍ ସୁବିଧା ନ ଥିବାରୁ ସମସ୍ୟା


ଜମି ରହିଥିବା ବର୍ଷା ପାଣି।

ବେଗୁନିଆପଡ଼ା,୨।୭(ସୁଶାନ୍ତ ପଟ୍ଟନାୟକ)

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଦିଗାପଡା ପଞ୍ଚାୟତର ଜେ ଛଟିନାରେ ରବିବାର ଅପରାହ୍ଣରେ ସାମାନ୍ୟ ବର୍ଷା ପରେ କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଡ୍ରେନେଜ ସିଷ୍ଟମ ନ ଥିବାରୁ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଜେ ଛଟିନା ଗାଁ ଦାଣ୍ଡ ଜଳବନ୍ଦୀ ହୋଇ ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ଜେ ଛଟିନା ଗ୍ରାମର ମୁଖ୍ୟ ଦାଣ୍ଡର ଦୀର୍ଘ ୧୫୦ ମିଟରରୁ ଅଧିକ ରାସ୍ତା ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହୁଛି। ସେପଟେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଗୋଟିଏ ପଟେ ଗାଁ ରାସ୍ତା ତିଆରି ହେଉ ନ ଥିବା ବେଳେ ଏବେ ସାମାନ୍ୟ ବର୍ଷାରେ ପାଣି ଜମି ଯାଉଛି। ବର୍ଷାଦିନ ନିକଟ ହୋଇ ଯାଇଥିବା ବେଳେ ଏଭଳି ପରିସ୍ଥିତିକୁ ନେଇ ଚିନ୍ତାରେ ଗ୍ରାମବାସୀ। ପୂର୍ବରୁ ଏନେଇ ସ୍ଥାନୀୟ ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଜେ ଛଟିନା ଗ୍ରାମବାସୀ ଦାବି କରିଛନ୍ତି ।

# ସାପକୁ ଗିଳିଲା ସାପ


ଉଦ୍ଧାର ସାପ।

କବିସୂର୍ଯ୍ୟନଗର,୨।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ପଥରା ଗ୍ରାମର ସଞ୍ଜୟ କୁମାର ରେଡ୍ଡୀଙ୍କ ବାରିପଟୁ ସ୍ନେକ ହେଲ୍ପ ଲାଇନ ରବିବାର ୫ ଫୁଟର ଏକ ରଣା ସାପ ଓ ଢାମଣା ସାପ ଉଦ୍ଧାର କରିଥିଲା। ସକାଳେ ରଣା ସାପଟି ଢାମଣାକୁ ଗିଳୁଥିବା ଗ୍ରାମବାସୀ ଦେଖି ସ୍ନେକ ହେଲ୍ପ ଲାଇନ, ସମାଜିକ କର୍ମୀ ଏ. ବ୍ରହ୍ମାନନ୍ଦ ଆଚାରୀ ଓ ପୋଲସରା ବନବିଭାଗକୁ ଜଣାଇଥିଲେ। ପଥରା ନିକଟ ସାନଚଢିଆପଡାର ସାପ ଧରାଳି କ୍ରିଷ୍ଣା ବେହେରା ତୁରନ୍ତ ସେଠାକୁ ଆସି କୌଶଳକ୍ରମେ ରଣା ସାପକୁ ଧରି ଏକ ପ୍ଲାଷ୍ଟିକ ଜାର୍‌ରେ ରଖିଥିଲେ। ରଣା ଗିଳିଥିବା ଢାମଣାକୁ ବାହାର କରି ଦେଇଥିଲା। ଢାମଣାଟି ମରି ଯାଇଥିଲା। ମୃତ ଓ ଜୀଅନ୍ତା ସାପ ଦୁଇଟିକୁ କ୍ରିଷ୍ଣା ନିକଟସ୍ଥ ସିଦ୍ଧେଶ୍ୱର ଜଙ୍ଗଲରେ ଛାଡି ଦେଇଥିଲେ। ସେ ଯଦି କେହି କୌଣସି ସାପ ଦେଖନ୍ତି ତାକୁ ନ ମାରି ତୁରନ୍ତ ତାଙ୍କୁ ଜଣାଇବାକୁ ଅନୁରୋଧ କରିଛନ୍ତି। କାହାକୁ ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ଯିବା ଉଚିତ। ଗୁଣିଆ ପାଖକୁ ଯାଇ ଜୀବନକୁ ବିପଦରେ ପକାନ୍ତୁ ନାହିଁ ବୋଲି କ୍ରିଷ୍ଣା କହିଛନ୍ତି।

# ଦୂଷିତ ପାନୀୟଜଳ ଯୋଗାଣ ନେଇ ଅସନ୍ତୋଷ

## ଢୁଙ୍କାପଡାରେ ବିଭିନ୍ନ ରୋଗରେ ଆକ୍ରାନ୍ତ ଆଶଙ୍କା

ପୋଲସରା,୨।୭(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ଢୁଙ୍କାପଡା ଗ୍ରାମରେ ଦୂଷିତ ପାନୀୟଜଳ ଯୋଗାଣକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାର ପକ୍ଷରୁ ବସୁଧା ଯୋଜନାରେ ଗ୍ରାମ ମାନଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ କାର୍ଯ୍ୟ କରୁଛନ୍ତି। ହେଲେ ଢୁଙ୍କାପଡ଼ା ଗ୍ରାମରେ ପାହାଡ ଉପରେ ଗୋଟିଏ ପାଣି ଟାଙ୍କି ନିର୍ମାଣ ହୋଇ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ଅନ୍ୟ ଗୋଟିଏ ନୂତନ ପାଣି ଟାଙ୍କି ନିର୍ମାଣ ଚାଲିଛି। ପାଣି ଟାଙ୍କି ଓ ପାଇପ୍ ଗୁଡିକର ରକ୍ଷଣା ବେକ୍ଷଣ ହେଉ ନଥିବାରୁ ଦୂଷିତ ପାନୀୟଜଳ ଯୋଗାଣ ହେଉଛି। ଦୂଷିତ ପାନୀୟ ଜଳ ପିଇବା ଦ୍ୱାରା ଟାଇଫଏଡ ଜ୍ୱର, କୋଲେରା, ଡାଇରିଆ, ହେପାଟାଇଟିସ- ଏ, ସାଲମୋନେଲା ଭଳି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ଏହିଭଳି ଦୂଷିତ ପାନୀୟଜଳ ଯୋଗାଣ ନେଇ ସ୍ଥାନୀୟ ନେତା ସଚେତନ ନୁହଁନ୍ତି। ବିଭାଗୀୟ ଯନ୍ତ୍ରୀ ମଧ ଜାଣି ଅଜଣା ଭଳି ରହୁଛନ୍ତି। ଢୁଙ୍କାପଡା ହେଉଛି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକଙ୍କ ଗାଁ। ଦୀର୍ଘ ବର୍ଷ ଧରି ପୋଲସରାରେ ପାନୀୟ ଜଳ ସମସ୍ୟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଭଳି ବିଭିନ୍ନ ପ୍ରସଙ୍ଗ ରହିଛି। କିନ୍ତୁ ଢୁଙ୍କାପଡା ଠାରେ ଦୂଷିତ ପାନୀୟଜଳ ଯୋଗାଣକୁ ନେଇ କାହାର ନଜରକୁ ଆସିଲା ନାହିଁ ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନବାଚୀ। ଉକ୍ତ ସମସ୍ୟାକୁ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପଚାରିବାରୁ ମୁଁ କିଛି ଜାଣି ନାହିଁ ବୋଲି ଜଳ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପଠୀ କହିଛନ୍ତି।



ଦୂଷିତ ପାଣି।

# ଭାଜପା ଗ୍ରାମୀଣ ମଣ୍ଡଳ କାର୍ଯ୍ୟକର୍ତ୍ତା ବୈଠକ

ଜି.ଉଦୟଗିରି,୨।୭(ଶିଶିର ପଟ୍ଟନାୟକ)

ସ୍ଥାନୀୟ ବ୍ୟବସାୟୀ ସଂଘ ସଭା ଗୃହରେ ଶନିବାର ଜି.ଉଦୟଗିରି ଭାଜପା ଗ୍ରାମୀଣ ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଗ୍ରାମୀଣ ମଣ୍ଡଳ ସଭାପତି ମାୟାବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ, ଜିଲା ସାଧାରଣ ସଂପାଦକ ମାନ ଗୋବିନ୍ଦ ପ୍ରଧାନ, ଲୋକସଭା ସଂଯୋଜକ ରମେଶ ମହାନ୍ତି, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଏସଟି ମୋର୍ଚ୍ଚା ସଭାପତି ବସନ୍ତ ପ୍ରଧାନଙ୍କ ସହିତ ଜ୍ଞାନ ଚନ୍ଦ୍ର ପ୍ରଧାନ, ନବ କିଶୋର ପ୍ରଧାନ, ସୁରେନ୍ଦ୍ର ପ୍ରଦାନ, ଭୀମସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆଗକୁ ହେବାକୁ ଥିବା ମହା ଜନସଂପର୍କ ଯାତ୍ରାରେ କିଭଳି ଅଧିକ ଲୋକଙ୍କ ସହିତ ସଂପର୍କ ଯୋଡା ଯାଇପାରିବ ସେ ସଂପର୍କରେ ଆଲୋଚନା କରାଯାଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଆସିକା,୨।୭(ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକ ବାଲିସିରା ପଞ୍ଚାୟତ ଅନ୍ତର୍ଗତ ଲଣ୍ଡାଜୁଆଳି ଗ୍ରାମରେ ରବିବାର ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଧାୟିକା ମଞ୍ଜୁଳା ସ୍ୱାଇଁ ପଦଯାତ୍ରାରେ ଗ୍ରାମ ପରିକ୍ରମା ପୂର୍ବକ ଜନସାଧାରଣଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବିଧାୟିକା ସଂପୃକ୍ତ ଗ୍ରାମର କାଳୁଆ ମନ୍ଦିରର ଉନ୍ନୟନ ଲାଗି ବିଧାୟିକାଙ୍କ ହାତପାଣ୍ଠିରୁ ୫ଲକ୍ଷ ଟଙ୍କା ଦେଇଥିବା ଘୋଷଣା କରିବା ସହ ବାଲିଦଣ୍ଡା ସାହି ରାସ୍ତା ପ୍ରଶସ୍ତୀକରଣ ଲାଗି ୨ଲକ୍ଷ ଟଙ୍କା ଓ କଲ୍ୟାଣ ମଣ୍ଡପ ଲାଗି ୫ଲକ୍ଷ ଟଙ୍କା ଅନୁଦାନ ଦେବା ଲାଗି ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ସରପଞ୍ଚ ଦୈତାରୀ ବେହେରା, ଜିଲା ବିଜେଡି ସମ୍ପାଦକ ଅଭିମନ୍ୟୁ ନାହାକ, ଉପସଭାପତି ଦିଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, ସନ୍ତୋଷ କୁମାର ବେହେରାଙ୍କ ସମେତ ବହୁ ପଞ୍ଚାୟତର ପ୍ରତିନିଧି ସାମିଲ ଥିଲେ ।


ପଥପ୍ରାନ୍ତ ସଭାରେ ବିଧାୟିକା ଉଦବୋଧନ ଦେଉଛନ୍ତି।

# ଗୁମ୍ମା ମିନି ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର

ପାରଳାଖେମୁଣ୍ଡି, ୨।୭ (ଗିରିଧାରୀ ପରିଚ୍ଛା)

ସରକାର ଉପାନ୍ତ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା ମାଧମରେ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଥିବା ବେଳେ ଅଞ୍ଚଳର ବିକାଶ ନାଁରେ ହରିଲୁଟ ଚାଲିଛି। ଗଜପତି ଜିଲା ଗୁମ୍ମା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ହେଲେ ଗୁମ୍ମାରେ ବିଭାଗୀୟ ଅଧିକାରୀଙ୍କ ମନମୁତାବକ କାର୍ଯ୍ୟ ପାଇଁ ସରକାରୀ ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ବ୍ଲକ କାର୍ଯ୍ୟାଳୟର ଅତି ନିକଟରେ ଗୁମ୍ମା ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଶେଷ ହେବାର ମାସକ ମଧରେ ମୁଖ୍ୟ ଫାଟକ ସାମ୍ନାରେ ପେବର ବ୍ଲକ ଦବିଯିବା ସହ ଖାଲ ହୋଇଥିବା ଦେଖିବାକୁ ମିଳିଛି। ନିର୍ମାଣ କାର୍ଯ୍ୟ ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କେଉଁ ଆଧାରରେ ଏପରି କାର୍ଯ୍ୟ ତଦାରଖ କରିଥିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସଦର ମହକୁମା ନିକଟସ୍ଥ ମିନି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ପାଇଁ ୬ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ୬ମାସ ବିତିବା ପୂର୍ବରୁ ଏପରି ଅବସ୍ଥା ଦେଖିବାକୁ ମିଳିଛି। ସେହିପରି ଗ୍ରାମାଞ୍ଚଳର ବିକାଶ ପାଇଁ ଯେଉଁ ଅର୍ଥ ମଞ୍ଜୁର କରାଯାଇଛି ସେସବୁକୁ ଅଧିକାରୀମାନେ ଅଧିକ ପରିମାଣରେ ଖର୍ଚ୍ଚ କରୁଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଏନେଇ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ ପରେ ବି କୌଣସି ଉତ୍ତର ମିଳିନି।


ପେବର ବ୍ଲକ ଦବିଯାଇଛି।

## ସଂକ୍ଷେପରେ

### ଜିଲା କୃଷକ ବିକାଶ ମଞ୍ଚ କାର୍ଯ୍ୟକାରୀ ସଭାପତି ହେଲେ ପୁଲିନ ପୁହାଣ

ଝୁମ୍ପୁରୀ,୨।୭(ସରୋଜ ନାୟକ): ଯୁବ ସାମାଜିକ କର୍ମୀ, ଟାଣୁଆ ସଙ୍ଗଠକ ତଥା ପୁଲିନ ସେନାର ପ୍ରତିଷ୍ଠାତା ପୁଲିନ ପ୍ରକାଶ ପୁହାଣ ଯାଜପୁର ଜିଲା କୃଷକ ବିକାଶ ମଞ୍ଚର ନୂତନ କାର୍ଯ୍ୟକାରୀ ସଭାପତିଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶନିବାର ଜିଲା କୃଷକ ମୋର୍ଚ୍ଚାର ବରୁଆଁଠାରେ ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ପୁହାଣଙ୍କୁ ନୂତନ କାର୍ଯ୍ୟକାରୀ ସଭାପତିଭାବେ ମନୋନୀତ କରାଯାଇଥିବା ମଞ୍ଚର ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ଜେନା ଘୋଷଣା କରିଥିଲେ। ପୁହାଣଙ୍କୁ ଏହି ଅବସରରେ ସଂଘର କାର୍ଯ୍ୟକର୍ତ୍ତା ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କୃଷକ ବିକାଶ ମଞ୍ଚ ପରି ଏକ ଟାଣୁଆ ସଙ୍ଗଠନରେ ପଦପାଇବା ପରେ ପୁହାଣ ଆଗାମୀ ଦିନରେ କୃଷକଙ୍କ ସ୍ୱାର୍ଥରକ୍ଷା ସହ ସେମାନଙ୍କ ହକ୍ ପାଇଁ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି। ଏହି ବୈଠକରେ ସଙ୍ଗଠନର ନେତା ବିକ୍ରମ ରାଉତ, ଭୁବନାନନ୍ଦ ସାମଲ, ପ୍ରଶାନ୍ତ ଦେବତା, ସନାତନ ସାହୁ, ମନୋଜ କୁମାର ଦାସ, ରମେଶ ଚନ୍ଦ୍ର ରାଉତ, ଭାଗ୍ୟଧର ମହାନ୍ତି, ଜୟରାମ ନାୟକ ଓ ଅନାଦି ଚରଣ ବେହେରା ପ୍ରମୁଖଙ୍କ ସହ ଶତାଧିକ କୃଷକ ଉପସ୍ଥିତ ଥିଲେ।

### ଖରସ୍ରୋତା ମହାବିଦ୍ୟାଳୟରେ ସରସ୍ୱତୀଙ୍କ ବିଗ୍ରହ ପ୍ରତିଷ୍ଠା

ସିଂହପୁର,୨।୭(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟ ପରିସରରେ ମା'ସରସ୍ୱତୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ମହେଶ୍ୱର ନନ୍ଦ ଓ ରବି ପତି ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ପାଢ଼ୀଙ୍କ ତତ୍ତ୍ୱାବଧାନରେ ବିଞ୍ଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର ଧଳ, ବରୁଣେଶ୍ୱର କଲେଜର ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ଗୋବିନ୍ଦପୁର କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଗଜେନ୍ଦ୍ର ଧଳ, ଆଲୋକ ସାମଲ, ସୁଶାନ୍ତ ନାୟକ, ଖଗେଶ୍ୱର ସାହୁ, କୃତିବାସ ପ୍ରଧାନ, ରବୀନ୍ଦ୍ର ପରିଡ଼ା ଓ ବିଦ୍ୟୁଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



# ପ୍ରଶସ୍ତୀକରଣ କାର୍ଯ୍ୟରେ ଅନିୟମିତତା

**ଯାଜପୁର-ବିଞ୍ଝାରପୁର ପୂର୍ତ୍ତ ବିଭାଗ ରାସ୍ତା**

- ବିନା ସୂଚନା ଫଳକରେ ଚାଲିଛି କାର୍ଯ୍ୟ
- ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

ପ୍ରୀତିପୁର,୨।୭(ସୁଶାନ୍ତ ବେହୁରିଆ):

ଯାଜପୁର ବିରଜା ମନ୍ଦିରଠାରୁ ସିଂହପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ଉକ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ବିରଜା ମନ୍ଦିରଠାରୁ ୪ କି.ମି. ରାସ୍ତା ଯାଜପୁର ପୂର୍ତ୍ତ ବିଭାଗ ଅଧୀନରେ ହେଉଥିବାବେଳେ ସେଠାରୁ ସିଂହପୁର ପର୍ଯ୍ୟନ୍ତ କାର୍ଯ୍ୟ ବିଞ୍ଝାରପୁର ପୂର୍ତ୍ତ ବିଭାଗ ଅଧୀନରେ କରାଯାଉଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ମାଟି ବାହାରୁ ଆସି ପକାଇବାର ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ରାସ୍ତାକୁ ମେଶିନ ଯୋଗେ ଖୋଳି ପୁଣି ସେହି ମାଟିକୁ ରାସ୍ତା କଡ଼ରେ ପକାଇ ତାହାକୁ ସାଇଜ କରାଯାଉଛି। ହେଲେ ମାଟି ବାହାରୁ ଆଣି ପକାଇବା ନାମରେ ଟଙ୍କା ହଡ଼ପ ହେଉଛି। ସେହିପରି ଉନ୍ନତମାନର ଚିପ୍ସ ଓ ଡଷ୍ଟ ଗୁଣ୍ଡ ପକାଇବା ପରେ ପାଣି ଦେଇ ବାରମ୍ବାର ରୋଲିଂ କରି ରାସ୍ତାକୁ କଂପ୍ରେସ କରିବାର ନିୟମ ରହିଛି। କିନ୍ତୁ ସେପରି ନ କରାଯାଇ ଅତ୍ୟନ୍ତ ନିମ୍ନମାନର ବଜୁରି ଓ ଡଷ୍ଟ ପକାଇ ବିନା ପାଣିରେ ତାହାକୁ ଗୋଳାଇ ରାସ୍ତାରେ ପକାଇ ତରବରିଆ ଭାବେ ରୋଲିଂ କରାଯାଉଛି। ପୂର୍ତ୍ତ ବିଭାଗର କୌଣସି କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହୁନାହାନ୍ତି। କୌଣସିସ୍ଥାନରେ କାର୍ଯ୍ୟର ସୂଚନା ଫଳକ ମଧ୍ୟ ନାହିଁ। ରାସ୍ତାର ପ୍ଲାନ ଓ ଏଷ୍ଟିମେଟ ମାଗିଲେ ତାହା ଦେଖାଇବାକୁ ଯନ୍ତ୍ରୀ, ଠିକାଦାର ଅମଙ୍ଗ ହେଉଛନ୍ତି। ଏହି ରାସ୍ତା ସବୁଠୁ ବ୍ୟସ୍ତ ବହୁଳ। ବହୁ ସଂଖ୍ୟାରେ ଭାରିଯାନ ଯାଜପୁରଠୁ ସିଂହପୁର ଦେଇ କନିକା ଏବଂ ଓଳାଭର ପର୍ଯ୍ୟନ୍ତ ଯାଉଛି। ମାତ୍ର ଉଚ୍ଚମାନର କାର୍ଯ୍ୟ ନ କରିବା ଦ୍ୱାରା ପୂର୍ବରୁ ନିର୍ମିତ ଓ ପ୍ରଶସ୍ତୀକରଣ ହୋଇଥିବା ରାସ୍ତା ଭାଙ୍ଗି ଗଲାଣି ଏବଂ ପିଚୁ ମଧ୍ୟ ବର୍ଷକ ମଧ୍ୟରେ ଉଠି ଗଲାଣି। ତେଣୁ ଉଚ୍ଚ ମାନର କାର୍ଯ୍ୟ ନ କରିବା ଯାଏ ଏ ରାସ୍ତା କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିବା ଓ ନିମ୍ନମାନର ଚିପ୍ସ, ବଜୁରି, ଡଷ୍ଟକୁ ଏହି ରାସ୍ତା କାର୍ଯ୍ୟ ପାଇଁ ଅନୁପଯୁକ୍ତ ବୋଲି ଘୋଷଣା କରାଯିବାକୁ ସାଧାରଣରେ ଦାବି ହୋଇଛି। ଏଥିସହିତ ଉକ୍ତ ଅନିୟମିତତା ସମ୍ପର୍କରେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଅଧୀକ୍ଷଣ ଯନ୍ତ୍ରୀ ଓ ଯାଜପୁର ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏଭଳି ଅଭିଯୋଗ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ଯାଜପୁର ସେକ୍ସନ ସୀମାଠାରୁ ବିଞ୍ଝାରପୁର ୧୧ କି.ମି. ରାସ୍ତା କାର୍ଯ୍ୟ ନିମନ୍ତେ ୭ କୋଟି ଏବଂ ସେଠାରୁ ସିଂହପୁର ପର୍ଯ୍ୟନ୍ତ ୫ କି.ମି. ରାସ୍ତା ପାଇଁ ୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ୭ ମିଟର ଚଉଡ଼ା ରାସ୍ତା ନିର୍ମାଣ କରାଯିବ। ବର୍ତ୍ତମାନ କାର୍ଯ୍ୟ ଠିକ୍‌ରେ ହେଉଛି। କୌଣସି ଅନିୟମିତତା ହେଉନାହିଁ।


ପ୍ରଶସ୍ତୀକରଣ ପାଇଁ ରାସ୍ତାପାର୍ଶ୍ୱ ଖୋଳାଯାଇଛି।

# ବିଜ୍ଞାନରେ ଅନ୍ନପୂର୍ଣ୍ଣା, ବାଣିଜ୍ୟରେ ଅଭୀପ୍ସା, କଳାରେ ମଧୁସ୍ମିତା ଶ୍ରେଷ୍ଠ ସ୍ନାତକ

**ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ**


ଅନ୍ନପୂର୍ଣ୍ଣା ବାରିକ


ଅଭୀପ୍ସା ପ୍ରିୟଦର୍ଶିନୀ ସାହୁ


ମଧୁସ୍ମିତା ପାଢ଼ୀ

ଯାଜପୁରରୋଡ୍,୨।୭(ପବିତ୍ର ମହାନ୍ତି):

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷାଫଳ ପ୍ରକାଶ ପାଇଛି। ୨୦୨୦ ବର୍ଷରେ ପାଠ୍ୟକ୍ରମରେ ନାମ ଲେଖାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଜ୍ଞାନରେ ଛାତ୍ରୀ ଅନ୍ନପୂର୍ଣ୍ଣା ବାରିକ, ବାଣିଜ୍ୟରେ ଅଭିପ୍ସା ପ୍ରିୟଦର୍ଶିନୀ ସାହୁ ଏବଂ କଳାରେ ମଧୁସ୍ମିତା ପାଢ଼ୀ ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଛନ୍ତି। ବିଜ୍ଞାନରେ ଚଳିତଥର ମୋଟ୍ ୧୯୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୭୩ଜଣ ପରୀକ୍ଷାଦେଇଥିବାବେଳେ ତନ୍ମଧ୍ୟରୁ ୧୬୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଶତକଡ଼ା ପାସ ହାର ୯୫.୯୫ ରହିଛି। ବାଣିଜ୍ୟରେ ମୋଟ୍ ୧୭୬ ଜଣ ନାମ ଲେଖାଇଥିବାବେଳେ ୧୬୮ଜଣ ପରୀକ୍ଷା ଦେଇଥିଲେ। ଶତକଡ଼ା ୯୨.୮୫ ହାରରେ ୧୫୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିକରି କଳାରେ ମୋଟ୍ ୨୩୩ଜଣ ନାମ ଲେଖାଇଥିବାବେଳେ ୨୧୩ ଜଣ ପରୀକ୍ଷା ଦେଇଥିଲେ। ଶତକଡ଼ା ୯୫.୩୦ ହାରରେ ୨୦୩ଜଣ ସଫଳତା ହାସଲ କରିଛନ୍ତି। ରବିବାର ମହାବିଦ୍ୟାଳୟ ପରିସରରେ ପରୀକ୍ଷାଫଳ ପ୍ରକାଶିତ ହୋଇଥିବା ବେଳେ ଏଥିରେ କଲେଜ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସ୍ୱାଇଁ, କଲେଜ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ବିଶ୍ୱାଳ, ପରୀକ୍ଷା ନିୟନ୍ତ୍ରକ ଡ. ସୁଜାତା ଓତା, ଜୟନ୍ତ ନାୟକ, ବିବେକ ଜେନା, ଜଗବନ୍ଧୁ ସାହୁ, ଡ.ଅରବିନ୍ଦ ବୋଷ, ମୌସୁମୀ ମିଶ୍ର, ମନୋଜ ଦଣ୍ଡପାଟ, ଦିଲୀପ ମହାନ୍ତି, ଗୌରାଙ୍ଗ ମଲ୍ଲିକ, ମମତା ସାମଲ, ଅକ୍ଷୟ ମହାନ୍ତି, ଶରତ ଜେନା, ରାଜକିଶୋର ପହି, ପ୍ରଭାତ ସ୍ୱାଇଁ, ମଦନ ରାଉତ, ପ୍ରମୋଦ ପାତ୍ର ଓ କାର୍ତ୍ତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ଚକ୍ରାନ୍ତ


କୋରେଇ ସଂଗ୍ରାମ ସମିତି ପକ୍ଷରୁ ଗଣମାଧ୍ୟମରେ ସୂଚନା ଦିଆଯାଉଛି।

**ଆନ୍ଦୋଳନ କରିବ କୋରେଇ ସଂଗ୍ରାମ ସମିତି**

ଯାଜପୁରରୋଡ୍,୨।୭(ପବିତ୍ର ମହାନ୍ତି)

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଯାଜପୁର ରୋଡ୍ ତଥା ବର୍ତ୍ତମାନର ବ୍ୟାସନଗର ସହରକୁ ଶ୍ରୀହୀନ କରିବାକୁ ଅପଚେଷ୍ଟା ହେଉଛି। କିଛି ମାସ ହେବ ଯାଜପୁର ରୋଡ୍‌ରୁ ଗୋଟିଏ ପରେ ଗୋଟିଏ ସରକାରୀ କାର୍ଯ୍ୟାଳୟକୁ ଚକ୍ରାନ୍ତ କରି ଅନ୍ୟତ୍ର ଉଠାଇ ନିଆଯାଉଛି। ନିକଟରେ ଯାଜପୁରରୋଡ୍‌ରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ବାଣିଜ୍ୟିକ କାର୍ଯ୍ୟାଳୟକୁ କେନ୍ଦୁଝର ଜିଲାକୁ ଉଠାଇ ନିଆଯାଇଥିଲା। ଏବେ ଆଉଏକ କାର୍ଯ୍ୟାଳୟକୁ ଉଠାଇ ନେବାକୁ ମସୁଧା ହେଉଛି। ଯାଜପୁରରୋଡ୍‌ସ୍ଥିତ ଚାନ୍ଦମା ଜିଲା ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ୨୦୨୧ ଏପ୍ରିଲରୁ ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ରହିଛି। ମାତ୍ର ଗତ କିଛି ଦିନ ହେବ ଏହି କାର୍ଯ୍ୟାଳୟକୁ ଅନ୍ୟତ୍ର ଉଠାଇନେବାକୁ ମସୁଧା ଚାଲୁଥିବା ଜଣାପଡୁଛି। ଏହାର ପ୍ରତିବାଦରେ ରବିବାର କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମିତି ଉପସଭାପତି ଆଲୋକ ମହାନ୍ତି, ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ସହସମ୍ପାଦକ ଜିତୁ ବେହେରା ଓ ନିତ୍ୟାନନ୍ଦ ମହାଳିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରଠାରେ ଥିବା ରାଜ୍ୟ ହସ୍ତଶିଳ୍ପ କାର୍ଯ୍ୟାଳୟ ବାଦ ଯାଜପୁର ରୋଡ୍ ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିବାବେଳେ ରାଜନୈତିକ ଅଭିସନ୍ଧି ରଖି ଏହି ହସ୍ତଶିଳ୍ପ କାର୍ଯ୍ୟାଳୟକୁ ଏଠାରୁ ସ୍ଥାନାନ୍ତର କରାଯିବାକୁ ଚକ୍ରାନ୍ତ ହେଉଥିବା ସମିତି ପକ୍ଷରୁ ଅଭିଯୋଗ ହୋଇଛି। ଏଭଳି କାର୍ଯ୍ୟକୁ ବରଦାସ୍ତ କରାଯାଇ ପାରିବନାହିଁ ବୋଲି ସମିତି ସଭାପତି ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏନେଇ ସଂଗ୍ରାମ ସମିତି ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସ୍ୱରୂପ ଧାରଣା ଦିଆଯିବାକୁ ସେ ଚେତାବନୀ ଦେଇଛନ୍ତି। ସେହିପରି ବିଭାଗୀୟ ମନ୍ତ୍ରୀ ରୀତା ସାହୁ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଓ ଯାଜପୁର ଜିଲାପାଳ ଏଭଳି ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ୩ ବର୍ଷ ତଳେ ଏହି ୨ କାର୍ଯ୍ୟାଳୟ ଜଗତପୁରଠାରେ ନାମକୁ ମାତ୍ର ଚାଲିଥିଲା। କୋରେଇ ସଂଗ୍ରାମ ସମିତିର ଆନ୍ଦୋଳନ ଯୋଗୁ ଏହା ନିଜସ ଗୃହ ନିର୍ମାଣ କରି ଯାଜପୁର ରୋଡ୍‌ଠାରେ କାର୍ଯ୍ୟ କରିଆସୁଛି।

## ବେଆଇନ ମୋରମ ଖାଦାନରେ ଚଢ଼ାଉ

**୫ ହାଇୱା, ଗୋଟିଏ ଟିପ୍ପର ଓ ୧ ଜେସିବି ମେଶିନ ଜବତ**

ଚଣ୍ଡିଖୋଲ,୨।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ଦର୍ପଣ ତହସିଲ ଅନ୍ତର୍ଗତ ମାଣ୍ଡୁକା ପାହାଡ଼ରେ ବେଆଇନ ମୋରମ ଉତ୍ତୋଳନ ନେଇ ରବିବାର ସନ୍ଧ୍ୟାରେ ଦର୍ପଣ ତହସିଲଦାରଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଛି। ଏହି ସମୟରେ ସେଠାରେ ମୋରମ ବୋଝେଇ ୫ ହାଇୱା, ଗୋଟିଏ ଟିପ୍ପର ଓ ଗୋଟିଏ ଜେସିବି ମେଶିନକୁ ଜବତ କରାଯାଇ ବାଲିଚନ୍ଦ୍ରପୁର ଥାନା ଜିମା ଦିଆଯାଇଛି। ଏସବୁ ଗାଡ଼ି ବେଆଇନ ଭାବେ ଖାଦାନରେ ପରିବହନ କରୁଥିବା ନେଇ ତହସିଲଦାର ମାନସ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ତହସିଲଦାରଙ୍କ କହିବା ଅନୁଯାୟୀ, ମାଣ୍ଡୁକା ପାହାଡ଼ର ଗୋଟିଏ ଖଣ୍ଡକୁ ଲିଜ ଆକାରରେ ଦିଆ ଯାଇଥିବାବେଳେ ଲିଜ ଇଲାକା ବାହାରେ କେତେକ ବ୍ୟକ୍ତି ବେଆଇନ ଭାବେ ମୋରମ ଖନନ କରୁଥିଲେ। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ବାଲିଚନ୍ଦ୍ରପୁର ପୋଲିସ ସହାୟତାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ ଓ ରାଜସ୍ୱ ନିରୀକ୍ଷକଙ୍କ ସମେତ ବାଲିଚନ୍ଦ୍ରପୁର ଥାନା ପୋଲିସ ସାମିଲ ହୋଇଥିଲା।

## ପୁଲିନ ସେନାରେ ଯୋଗଦେଲେ ୫ ୱାର୍ଡ ସଭ୍ୟ

ଝୁମ୍ପୁରୀ,୨।୭(ସରୋଜ ନାୟକ):

ଦଶରଥପୁର ବ୍ଲକ୍ ଅଧୀନ ଗୋପାଳପୁର ପଞ୍ଚାୟତର ୫ ବିଜେଡି ସମର୍ଥକ ୱାର୍ଡସଭ୍ୟ ଦଳରୁ ଇସ୍ତଫା ଦେଇ ପୁଲିନ ସେନାରେ ଯୋଗ ଦେଇଛନ୍ତି। ଶନିବାର ଏହି ପଞ୍ଚାୟତରେ ପୁଲିନ ସେନା ପକ୍ଷରୁ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ଯୁବନେତା ପୁଲିନ ପ୍ରକାଶ ପୁହାଣ ଯୋଗଦେଇ ପୁଲିନ ସେନାରେ ଯୋଗଦେଇଥିବା ୫ ୱାର୍ଡ ସଭ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପଞ୍ଚାୟତର ୱାର୍ଡ ସଭ୍ୟ ହରି ଜେନା, ଏସ୍.କେ. ସରାଫତ୍, ମୀର ଅଜିତୁଲ, ମୀର କମଲ ଓ ମୀର୍ଜା କଲି ଯୁବନେତା ପୁଲିନଙ୍କ ନେତୃତ୍ୱ ଉପରେ ଦୃଢ଼ ଆସ୍ଥା ପ୍ରକଟ କରି ପୁଲିନ ସେନାରେ ସାମିଲ ହୋଇଛନ୍ତି। ଏହି ଯୋଗଦାନ ସମୟରେ ପଞ୍ଚାୟତର ନେତା ବଦ୍ରୁଉଲ ହକ୍ ଖାନ୍, ଏସ୍.କେ ଅବଦୁଲ କଲାମ, ସେକ୍. ସନି ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତରେ ଶାସକ ଦଳ ସମର୍ଥକ ସରପଞ୍ଚଥିବାବେଳେ ୫ ୱାର୍ଡ ସଭ୍ୟ ଦଳ ଛାଡ଼ିବା ଶାସକ ଦଳକୁ ଝଟକା ଦେଇଛି।


ପୁଲିନ ସେନାରେ ସାମିଲ ହୋଇଥିବା ୱାର୍ଡ ସଭ୍ୟଙ୍କୁ ସ୍ୱାଗତ କରାଯାଉଛି।

## ବିଷାକ୍ତ ଛତୁ ଖାଇ ୩ ଗୁରୁତର

ଠାକୁରମୁଣ୍ଡା,୨।୭ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ଦିଗଧର ପଞ୍ଚାୟତ ବଡ଼ବିଲ ସାହିରେ ବିଷାକ୍ତ ଛତୁ ଖାଇ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗ୍ରାମର ଅନନ୍ତ ଦଣ୍ଡପାଟ (୨୫), ଚନ୍ଦନ ଦଣ୍ଡପାଟ ଓ ତାଙ୍କ ଝିଅ କମଳା ଦଣ୍ଡପାଟ। ସମସ୍ତଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରବିବାର ଜଙ୍ଗଲରେ ଫୁଟିଥିବା ଛତୁ ସଂଗ୍ରହ କରି ଖାଇଥିଲେ। ଏହାପରେ ଅସୁସ୍ଥ ହୋଇ ପଡ଼ିଥିଲେ।

# ସରକାରୀ ଜମିରେ ଚାଲିଛି ଇଟା କାରଖାନା

**ପ୍ରଶାସନର ନଜର ପଡୁନାହିଁ**

ଜେନାପୁର,୨।୭(ଅଶୋକ ଦାସ):

ଧର୍ମଶାଳା ତହସିଲ ଅଧୀନ ପୁରୁଣା ବୋଉଲମାଳ ପଞ୍ଚାୟତର ସୁକୁଟିଝର ମୌଜାରେ ଥିବା ସରକାରୀ ଜମିରେ ବେଆଇନ ଭାବେ ଚାଲୁଛି ୨ ଇଟା କାରଖାନା। କାରଖାନା ହୋଇଥିବା ସ୍ଥାନ ଜଙ୍ଗଲ ଜମି, ଦାଣ୍ଡି, ସର୍ବସାଧାରଣ ଜାଗା ବୋଲି ସରକାରୀ ରେକର୍ଡରେ ଉଲ୍ଲେଖ ରହିଛି। ଗୋଟିଏ କାରଖାନା ଖାତା ନମ୍ବର ୩୦୫ ଓ ପ୍ଲଟ ନମ୍ବର ୪୪ରେ ରହିଛି। ସେହିପରି ଖାତା ନମ୍ବର ୩୦୫ ଓ ପ୍ଲଟ୍ ନମ୍ବର ୪୨ ଜଙ୍ଗଲ କିସମ ହୋଇଥିବାବେଳେ ଏହି ପ୍ଲଟରେ ଜଣେ ବ୍ୟକ୍ତି ଇଟା କାରଖାନା କରିଛନ୍ତି ବୋଲି ଅଭିଯୋଗ ହୋଇଛି।

ଏସବୁ ଦୀର୍ଘଦିନ ହେବ ଚାଲୁଥିବାବେଳେ ତହସିଲ ପ୍ରଶାସନର କୋହଳ ମନୋଭାବ କାହିଁକି ବୋଲି ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବେଧଡ଼କ ଭାବେ ୫୩ ନମ୍ବର ଜାତୀୟ ରାଜପଥର କୋଡ଼ିଏ ମିଟର ଦୂରତାରେ ଏହି କାରଖାନା ଚାଲିଛି। କାରଖାନାରେ ନିୟୋଜିତ ଶ୍ରମିକମାନେ ବିନା ପଞ୍ଜୀକରଣରେ କାମ କରୁଥିବା ଜଣାପଡ଼ିଛି। କାରଖାନାରୁ ନିର୍ଗତ ଧୂଆଁ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ସରକାରୀ ଜାଗାରେ କାରଖାନା କରିବାକୁ କିଭଳି ଅନୁମତି ମିଳିଛି ତାହା ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ପ୍ରଶାସନ ସରକାରୀ ଜମିର ରକ୍ଷଣାବେକ୍ଷଣ ନ କରିବ ତେବେ, ଆଗାମୀ ଦିନରେ ଜଙ୍ଗଲ କିସମ ଜାଗା, ସର୍ବସାଧାରଣ ଜାଗାକୁ ମାଫିଆ ନିଜ ଅକ୍ତିଆରକୁ ନେଇଯିବେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେଣୁ ତହସିଲ ପ୍ରଶାସନ ଏ ଦିଗରେ ସଜାଗ ହେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ତହସିଲଦାର ସ୍ୱାଗତ ଦାସଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।


ସରକାରୀ ଜମିରେ ଗଢ଼ିଉଠିଥିବା ଇଟା କାରଖାନା।

# ବିକାଶ ପୁରୁଷ ଥିଲେ କଳ୍ପତରୁ

**କଳ୍ପତରୁ ଦାସଙ୍କ ୭୬ତମ ଜୟନ୍ତୀ**

ରସୁଲପୁର,୨।୭(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତରେ କଳ୍ପତରୁ ଦାସଙ୍କ ୭୬ତମ ଜୟନ୍ତୀ ପାଳିତ ହୋଇଯାଇଛି। କଳ୍ପତରୁ ଦାସ ସ୍ମୃତି କମିଟି ପକ୍ଷରୁ ଦାସଙ୍କ ଜନ୍ମମାଟି ଭୋଟକା ପଞ୍ଚାୟତ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସରପଞ୍ଚ ସ୍ମୃତିରେଖା ରାଉତ ପୌରୋହିତ୍ୟ କରିଥିଲେ। ସ୍ୱର୍ଗତ ଦାସ ବିକାଶ ପୁରୁଷ ଥିଲେ। ସେ ତୃଣମୂଳସ୍ତରର ରାଜନୀତିକୁ ବୁଝିବାରେ ସିଦ୍ଧହସ୍ତ ଥିଲେ ବୋଲି ଉତ୍ସବରେ ଯୋଗ ଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ମୁଖ୍ୟବକ୍ତା ପ୍ରଣବ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଜିଲାପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତି, ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ସ୍ମୃତି କମିଟି କାର୍ଯ୍ୟକାରୀ ସଭାପତି ସୁନନ୍ଦ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ସମିତିସଭ୍ୟ ରଞ୍ଜିତ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ସଂଗଠକ ଅଦ୍ୱୈତ ରାଉତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ଥିବାବେଳେ ଏମ୍‌ବିକେ ସସ୍ମିତା ଆଏଚ ଓ ତାଙ୍କର ସହଯୋଗୀ ମଞ୍ଚ ପରିଚାଳନା କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ମୋଇଉଦ୍ଦିନ ମହମ୍ମଦ, ପ୍ରହ୍ଲାଦ ପଣ୍ଡା, ସମବାୟ ନେତା ଅଭୟ ଦାସ ପ୍ରମୁଖ ଯୋଗଦେଇ ଥିଲେ।

ସ୍ମୃତି କମିଟି ପକ୍ଷରୁ ଆୟୋଜିତ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବର୍ଗରେ ହିଙ୍ଗୁଳା ବିଦ୍ୟାପୀଠ ଛାତ୍ର ଓମ୍‌ପ୍ରକାଶ ବେହେରା ୧ମ, ଭାଲୁଗୁଣୀ ବିଦ୍ୟାପୀଠର ଛାତ୍ରୀ ଲିପ୍ସା ଆଏଚ ୨ୟ, ହିଙ୍ଗୁଳା ବିଦ୍ୟାପୀଠର ଛାତ୍ରୀ ସ୍ମୃତିରେଖା ପତି ୩ୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠରେ ଜୟଦୁର୍ଗା ୟୁ.ପି. ବିଦ୍ୟାଳୟର ଛାତ୍ରୀ ଜୟଶ୍ରୀ ଦାସ ୧ମ, ହିଙ୍ଗୁଳା ବିଦ୍ୟାପୀଠର ଛାତ୍ରୀ ସୁଚିତ୍ରା ସାହୁ ୨ୟ ଓ ନନ୍ଦିତା ଖୁଣ୍ଟିଆ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମେଡିକାଲ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ସୌରଭ ଆଏଚଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ସାଇକ୍ରିଷ୍ଟା ସିଂ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅତିଥି ଦାସଙ୍କ ସମାଧିପୀଠ ଓ ପଞ୍ଚାୟତ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।


କଳ୍ପତରୁ ଦାସଙ୍କ ଜୟନ୍ତୀରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ଏନ୍ଏସି କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବୁଗୁଡ଼ା, ୨।୭(କାଳି ଚରଣ ଦାଶ):** ବୁଗୁଡ଼ା ଏନ୍ଏସି କାର୍ଯ୍ୟାଳୟ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ରଘୁନାଥ ପାଢ଼ୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମି ରଂଜନ ଦାସ ଓ କର୍ମଚାରୀ ସଂଘ ସଭାପତି ପିତବାସ ପ୍ରଧାନ, ଉପସଭାପତି ଜଗଦୀଶ ପଣ୍ଡା, ସଂପାଦକ ଅଶୋକ ସାହୁ, କୋଷାଧ୍ୟକ୍ଷ ସାଙ୍କେତ ପାଣିଗ୍ରାହୀ, ସନ୍ତୋଷ କୁମାର ପଣ୍ଡା ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ରଘୁନାଥଙ୍କ ଉତ୍ସର୍ଗୀକୃତ ସେବା ଏବଂ ତାଙ୍କର କର୍ତ୍ତବ୍ୟପରାୟଣତା ବିଷୟରେ କହିଥିଲେ। ରଘୁନାଥଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରାଯିବା ସହ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରାଯାଇଥିଲା।

### ଜନ୍ମିତ ଶିଶୁକନ୍ୟାକୁ ଅର୍ଥ ପ୍ରଦାନ

#### ନବନିର୍ବାଚିତ ସରପଞ୍ଚଙ୍କ ନିଆରା ପ୍ରୟାସ

**ପୋଲସରା, ୨।୭(ସୁବ୍ରତ ବେହେରା):** ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ମାଳ ତେନ୍ତୁଳିଆ ଗ୍ରାମ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ଅସ୍ୱତ ରାଉତ ଜନ୍ମିତ ଶିଶୁ କନ୍ୟାଙ୍କୁ ଅର୍ଥ ପ୍ରଦାନ କରୁଛନ୍ତି। ଅସ୍ୱତ ରାଉତ ବର୍ତ୍ତମାନ ପଞ୍ଚାୟତର ଲୋକ ମାନଙ୍କ ଭଲ ପାଇବା ପରେ ନୂତନ ଭାବେ ମାଳ ତେନ୍ତୁଳିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ହୋଇଛନ୍ତି। ସରପଞ୍ଚ ହେବା ପର ଠାରୁ ନିଜ ପଞ୍ଚାୟତରେ ଥିବା ପାଖାପାଖି ବର୍ତ୍ତମାନ ୧୩ ମାସ ମଧ୍ୟରେ ୩୦ ଜଣ ଜନ୍ମିତ ଶିଶୁ କନ୍ୟାଙ୍କୁ ଆର୍ଥିକ ୫୦୦ ଟଙ୍କା ଲେଖାଏ ନିଜ ପକେଟରୁ ପ୍ରଦାନ କରିଥାନ୍ତି। ଏପରି କଲେ ଶିଶୁ କନ୍ୟାଙ୍କ ପରିବାର ଖୁସି ହୋଇଥାନ୍ତି। ଆଉ ମୋତେ ବି ବହୁତ ଖୁସି ଲାଗେ, ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆଗକୁ ଜାରି ରଖିବେ ବୋଲି ସରପଞ୍ଚ କହଛନ୍ତି।

### ବୁଥ୍ସ୍ତରୀୟ ଭାଜପା କର୍ମୀ ସମ୍ମିଳନୀ

**ମୋହନା, ୨।୭(ମନ୍ମଥ ମିଶ୍ର):** ଗଜପତି ଜିଲା ମୋହନା କଲ୍ୟାଣ ମଣ୍ଡପରେ ଭାଜପାର ବୁଥ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ତଥା ସାଂସଦ ଜୁଏଲ ଓରାମ ଯୋଗଦେଇ ମୋଦି ସରକାରଙ୍କ ୯ ବର୍ଷର ସଫଳତା ଉପରେ କର୍ମୀଙ୍କୁ କହିଥିଲେ। ପୁରୀ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଚାବି ସମ୍ପର୍କରେ ରାଜ୍ୟ ଆଇନମନ୍ତ୍ରୀଙ୍କ ମନ୍ତବ୍ୟକୁ କଡ଼ା ନିନ୍ଦା କରିଥିଲେ ଜୁଏଲ। ବିଭ୍ରାନ୍ତିକର ତଥ୍ୟ ଦେବା ରାଜ୍ୟରକାରଙ୍କ ଅଭ୍ୟାସ ବୋଲି ବୋଲି କହିବା ସହ ଏବେ ରାଜ୍ୟରେ କିଏ ଶାସନ ଚଳାଉଛି ତାହା ରାଜ୍ୟବାସୀ ଜାଣିଛନ୍ତି ବୋଲି ଜୁଏଲ କହିଛନ୍ତି। ଏହି କର୍ମୀ ସମ୍ମିଳନୀରେ ଭାଜପା ରାଜ୍ୟ ଉପ ସଭାପତି ଭୃଗୁ ବକ୍ସିପାତ୍ର, ଜିଲା ଉପ ସଭାପତି ଶିବରାମ ସୁଆର, ପ୍ରଶାନ୍ତ ମଲ୍ଲିକ, ରାମଚନ୍ଦ୍ର ନାୟକ, ଜିଲା ସାଧାରଣ ସମ୍ପାଦକ କାମଦେବ ବଡନାୟକ, ମଣ୍ଡଳ ସଭାପତି ସତ୍ୟନାରାୟଣ ଦଣ୍ଡସେନା, ରଜନୀ କାନ୍ତ ପ୍ରଧାନ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ବନ୍ଦନା ବଡମୁଣ୍ଡି ଓ ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମୀ ସମ୍ମିଳନୀକୁ ଭାଜପା ନେତା ସୁଧୀର ପାଇକ ଓ ମନୋଜ ସାହୁ ପରିଚାଳନା କରିଛନ୍ତି।

# ଧାରଣାର ୪ ଦିନ ପରେ ବି ପହଞ୍ଚିଲା ନାହିଁ ପ୍ରଶାସନ

## ଆବାସ ଗୃହ ପାଇଁ ନିଜକୁ ଯୋଗ୍ୟ ଭାବୁଥିବା ହିତାଧିକାରୀଙ୍କ ଧାରଣା



**ନୂଆଗାଁ, ୨।୭(ଧନେଶ୍ୱର ସାହୁ)**

ନିଜର ହକ୍ ଦାବି କରି ପଞ୍ଚାୟତରେ ଧାରଣାରେ ବସିଛନ୍ତି ମହିଳା ଓ ପୁରୁଷ। ଧାରଣାରେ ବସିବାର ୪ ଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପ୍ରଶାସନିକ ଅଧିକାରୀ, କର୍ମଚାରୀ କିମ୍ବା ନେତା ସେମାନଙ୍କ ନିକଟରେ ପହଞ୍ଚି ନ ଥିବା ଅଭିଯୋଗ ହେଉଛି। ତେବେ ଧାରଣାକାରୀଙ୍କ ନିକଟକୁ ଯିବା ପାଇଁ ପ୍ରଶାସନିକ ଅଧିକାରୀମାନେ ଭୟ କରୁଛନ୍ତି ନା ସେମାନଙ୍କୁ ଅଣଦେଖା କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆମକୁ ଘର ଦିଅ କିମ୍ବା କେଉଁ କାରଣ ଯୋଗୁଁ ଆମ ନାଁକୁ ତାଲିକାରୁ କାଟିଲ ତାହା ଜଣାଅ। ନଚେତ୍ ଧାରଣାସ୍ଥଳରେ ପଡି ମରିବୁ ସିନା ନ୍ୟାୟ ନ ମିଳିବା ଯାଏ ଧାରଣାରୁ ଉଠିବୁ ନାହିଁ ବୋଲି ରୋକଠୋକ ମନା କରିଦେଇଛନ୍ତି ଆବାସ ଗୃହ ପାଇବା ପାଇଁ ନିଜକୁ ଯୋଗ୍ୟ ଭାବୁଥିବା ହିତାଧିକାରୀମାନେ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତରେ ଆବାସ ଗୃହ ତାଲିକାରୁ ବାଦ୍ ପଡିଥିବା ୧୦ ଜଣରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରବାରଠାରୁ ଧାରଣାରେ ବସିଛନ୍ତି। ବେରୁହାଁବାରୀ ପଞ୍ଚାୟତର ସନ୍ତୋଷୀ ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଭାସିନୀ ସେଠୀ, ପ୍ରମିଳା ସାହୁ, କୁମୁଦିନୀ ସାହୁ, ତ୍ରିନାଥ ବେହେରା, କମା ବେହେରା, ନର୍ମଦା ନାୟକ, ବୁଧେଇ ନାୟକ, ରମେଶ ବାରିକ, ବିଷ୍ଣୁପ୍ରିୟା ସାହୁ, ବିଜୟ କୁମାର ସାହୁଙ୍କ ଅଭିଯୋଗ ମୁତାବକ ସେମାନେ ଆବାସ ଯୋଜନାରେ ଗୃହ ପାଇବାକୁ ଯୋଗ୍ୟ ହୋଇଥିବାରୁ ପଞ୍ଚାୟତରେ ପ୍ରଥମେ ଲଗା ଯାଇଥିବା ତାଲିକାରେ ସେମାନଙ୍କ ନାମ ରହିଥିଲା। କିନ୍ତୁ ବର୍ତ୍ତମାନ ସେମାନଙ୍କ ନାମକୁ ଜାଣିଶୁଣି କାଟି ଦିଆଯାଇଛି। ଏ ନେଇ ସେମାନେ ପୂର୍ବରୁ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ, ଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, ବିଡିଓ, ଚେୟାରମ୍ୟାନ ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ପୂର୍ବରୁ ତାଲିକାରେ ନାଁ ଥିବା ବେଳେ ପରବର୍ତ୍ତୀ ସମୟରେ ନାଁକୁ କାହିଁକି କାଟି ଦିଆଗଲା ସେ ବିଷୟରେ ସେମାନଙ୍କୁ ଜଣାଗଲା ନାହିଁ। ଆମଠାରୁ ଭଲ ଘରେ ରହୁଥିବା ଲୋକମାନଙ୍କୁ ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ହେଲେ ଆମକୁ କାହିଁକି ଅଣଦେଖା କରାଗଲା। ଅଭିଯୋଗକାରୀମାନେ ପଞ୍ଚାୟତରେ ଧାରଣାରେ ନ ବସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ସୁଫଳ ମିଳନ୍ତା ବୋଲି କହିଛନ୍ତି ସମ୍ପୃକ୍ତ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ। ଅନ୍ୟପକ୍ଷେ ସମ୍ପୃକ୍ତ ପଞ୍ଚାୟତର ଜିଆରଏସ୍ କାର୍ଯ୍ୟାଦେଶ ପାଇଁ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ସେହି ଅଭିଯୋଗକୁ ପ୍ରଶାସନ ଗୁରୁତ୍ୱ ନ ଦେବା ବିବାଦ ସୃଷ୍ଟି କରିଛି।

### ମିଳିତ ହିନ୍ଦୁ ଅନୁସୂଚିତ ଜାତି ବୈଠକ

**ମୋହନା, ୨।୭(ମନ୍ମଥ ମିଶ୍ର)**

ମୋହନା ବ୍ଲକ ମାଣିକପୁର ହନୁମାନ ମନ୍ଦିରରେ ମିଳିତ ହିନ୍ଦୁ ଅନୁସୂଚିତ ଜାତି ଉନ୍ନୟନ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଆନନ୍ଦ ବଳିଆରସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆର୍ଏସ୍ଏସ୍ ଓଡ଼ିଶା ପୂର୍ବ ସହ ପ୍ରାନ୍ତ ଶାରୀରିକ ପ୍ରଶିକ୍ଷଣ ପ୍ରମୁଖ ଅଶୋକ ରଣଜିତ ଯୋଗଦେଇ ସମାଜକୁ ସଙ୍ଗଠିତ କରିବା ସହ ହିନ୍ଦୁ ସଂସ୍କୃତି ଓ ପରମ୍ପରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଆଇନ ପରାମର୍ଶଦାତା ଦୁର୍ଯ୍ୟାଧନ କରଡା, ମିଳିତ ହିନ୍ଦୁ ଅନୁସୂଚୀତ ଜାତି ଉପ ସଭାପତି ଦୀନବନ୍ଧୁ ବାଗସିଂ, ସମ୍ପାଦକ ତ୍ରୈଲୋଚନ ନାୟକ, ଉପଦେଷ୍ଟା ସନାତନ ନାୟକ, ଜୀତେନ୍ଦ୍ର ପ୍ରଧାନ, ବାବୁଲା ସେଠୀ, ସୁବାସ ବିଶୋଇ ଓ କୋଷଧ୍ୟକ୍ଷ ଅନିଲ ପ୍ରଧାନ, ସହଦେବ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଆବାସିକ ବିଦ୍ୟାଳୟରେ ଅନୁସୂଚିତ ଜାତି ପିଲାଙ୍କୁ ପାଠ ପଢ଼ାଇବା ବ୍ୟବସ୍ଥା ଥିଲେ ମଧ ପିଲାଙ୍କୁ ସୁଯୋଗ ମିଳୁନାହିଁ। ତେଣୁ ଆଗାମୀ ଦିନରେ ଏସବୁ ସମସ୍ୟା ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି ସଂଘ।

## ଭାଜପାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ



ଜନସମ୍ପର୍କ ପଦଯାତ୍ରାରେ ସାମିଲ ଭାଜପା କର୍ମୀ।

**ଖଣ୍ଡପଡ଼ା, ୨।୭ (ଅଜୟ କୁମାର ମହାରଣା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରର ୯ମ ବର୍ଷ ପୂର୍ତ୍ତି ଅବସରରେ ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠରୁ ରବିବାର ଭାଜପା ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଏହି ପଦଯାତ୍ରା କଣ୍ଟିଲୋ ବାପୁଜୀ ନଗରସ୍ଥିତ ଶ୍ରୀରଘୁନାଥ ମନ୍ଦିର ରାମଲୀଳା ମଣ୍ଡପଠାରୁ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୦ରୁ ୩୦ ଜଣ ଭାଜପା କାର୍ଯ୍ୟକର୍ତ୍ତା ପ୍ରତ୍ୟେକ ପଞ୍ଚାୟତରେ ଥିବା ବୁଥକୁ ଯାଇ ଜନସମ୍ପର୍କ ପଦଯାତ୍ରାର ଉଦ୍ଦେଶ୍ୟ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଘର ଘର ବୁଲି ଜନସାଧାରଣଙ୍କୁ ସଚେତନ କରାଇବେ ବୋଲି ଭାଜପା ନେତ୍ରୀ ଇଂ. ଅର୍ଚ୍ଚନା ଦାଶ ଆହ୍ୱାନ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ମଣ୍ଡଳ ସଭାପତି ତଥା ପ୍ରମୁଖ କାର୍ଯ୍ୟକର୍ତ୍ତା ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ସମେତ ସଙ୍ଗଠକ ଶ୍ରୀନିବାସ ଦାଶ, ବିଭିନ୍ନ ଅଞ୍ଚଳରୁ ଆସିଥିବା କାର୍ଯ୍ୟକର୍ତ୍ତା ଅଜୟ କୁମାର ନାୟକ, ପ୍ରସନ୍ନ କୁମାର ଦାସ, ସୁନୋଜ କୁମାର ଧଳ, ଖଣ୍ଡପଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳରୁ ସଞ୍ଜୟ କୁମାର ପ୍ରଧାନ, ବିନୋଦ କୁମାର ମିଶ୍ର, ସନ୍ତୋଷ କୁମାର ସାହୁ, ସୋମନାଥ ସାମଲ, ସୁରେନ୍ଦ୍ର କୁମାର ପ୍ରଧାନ, ନିରଞ୍ଜନ ରାଉତ, ନିଗମାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ବ୍ୟବଚ୍ଛେଦ ରିପୋର୍ଟ ଆସିଲା, ଭିସେରା ଯିବ ଭୁବନେଶ୍ୱର

### ଏମ୍କେସିଜି ଡାକ୍ତରୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା

**ବ୍ରହ୍ମପୁର, ୨।୭( ସୁବାସ ଚନ୍ଦ୍ର ପାଢ଼ୀ)**

ଏମ୍କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ସିନିୟର ରେସିଡେଣ୍ଟ ମହିଳା ହଷ୍ଟେଲରେ ରହୁଥିବା ପିଜି ପ୍ରଥମ ବର୍ଷ ଛାତ୍ରୀ ଶୁଭାନୀ ପଟ୍ଟନାୟକ(୨୭)ଙ୍କ ମୃତ୍ୟୁ ଘଟଣା ଏବେ ବି ରହସ୍ୟ ଘେରରେ ରହିଛି । ଗତ ୧୫ ତାରିଖରେ ଶୁଭାନୀଙ୍କ ମୃତଦେହ ଜବତ ହୋଇ ବ୍ୟବଚ୍ଛେଦ ହୋଇଥିବା ବେଳେ ରବିବାର ରିପୋର୍ଟ ଆସିଛି। ତଦନ୍ତ ଅଧିକାରୀ ଏହି ରିପୋର୍ଟ ପାଇଛନ୍ତି। ସେଥିରେ ଶୁଭାନୀଙ୍କ କେମିତି ମୃତ୍ୟୁ ହୋଇଛି ଲେଖାଯାଇ ନାହିଁ । ଶୁଭାନୀଙ୍କ ଭିସେରା ବର୍ତ୍ତମାନ ଭୁବନେଶ୍ୱର ରସୁଲଗଡ଼ରେ ଥିବା ଷ୍ଟେଟ ଫରେନ୍ସିକ ସାଇଣ୍ଟିଫିକ ଲାବ୍ରୋଟାରୀକୁ ପଠାଯିବ। ସେଥିପାଇଁ ଡାକ୍ତର ଚୂଡାନ୍ତ ମତ ସଂରକ୍ଷିତ ରଖିଛନ୍ତି। ଦୁଇଦିନ ଭିତରେ ଭିସେରା ଭୁବନେଶ୍ୱର ଏସଏଫଏସଏଲ ପଠାଯିବ ବୋଲି ପୋଲିସ ପ୍ରକାଶ କରିଛି। ସେପଟେ ଶୁଭାନୀଙ୍କ ମୃତ୍ୟୁକୁ ନେଇ କିଛି ସ୍ପଷ୍ଟ ହୋଇପାରୁନଥିବା ବେଳେ ସେ ରହୁଥିବା ହଷ୍ଟେଲ ରୁମରେ ଏବେବି ତାଲା ଝୁଲୁଛି । ଏବେବି ଶୁଭାନୀଙ୍କ ମୃତ୍ୟୁକୁ ନେଇ ସମସ୍ତେ ସନ୍ଦେହରେ ରହିଛନ୍ତି। ଶୁଭାନୀଙ୍କ ମୃତ୍ୟୁ ମାତ୍ରାଧିକ ଔଷଧ ଖାଇବାରୁ ମୃତ୍ୟୁ ହୋଇଥିବ ପରିବାର ଲୋକ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ପୋଲିସ ଗ୍ରହଣ କରିପାରିନଥିଲା। ଜଣେ ଡାକ୍ତର କିଭଳି ଭାବେ ମାତ୍ରାଧିକ ଔଷଧ ଖାଇବେ ସନ୍ଦେହ କରି ଘଟଣାର ତଦନ୍ତ ଜାରି ରଖିଛି । ତେବେ ତାଙ୍କ ମୃତ୍ୟୁ ପଛରେ କାରଣ କ'ଣ ରହିଛି ପୋଲିସ ତଦନ୍ତ ପରେ ହିଁ ଜଣାପଡିବ। ଶୁଭାନୀଙ୍କ ଘର ନୟାଗଡ଼ ଜିଲ୍ଲାରେ ହୋଇଥିବା ବେଳେ ବର୍ତ୍ତମାନ ତାଙ୍କ ପରିବାର ଲୋକ ପୁରୁଷୋତ୍ତମପୁର ରଥ ସାହିରେ ରହୁଛନ୍ତି।

# ସେବା ଉତ୍ସବ ଉଦ୍‌ଘାଟିତ

**ନୟାଗଡ଼, ୨।୭(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ସେବା ଉତ୍ସବ ସମିତି ପକ୍ଷରୁ ସପ୍ତମ ବାର୍ଷିକ ଜିଲାବ୍ୟାପୀ ସେବା ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ବିଗତ ବର୍ଷରେ ସେବା ଉତ୍ସବ ଜରିଆରେ ଜିଲାର ବିଭିନ୍ନ ଆଦିବାସୀ ଓ ଦୁର୍ଗମ ଅଞ୍ଚଳରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ଅଙ୍ଗଦାନ ଶିବିର, ରକ୍ତଦାନ ଶିବିର, ଚଷମା ବଣ୍ଟନ, ଅନ୍ନଦାନ, ବସ୍ତ୍ରଦାନ ପ୍ରଭୃତି ସେବା ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଚଳିତ ବର୍ଷ ପାଇଁ ଦୁର୍ଗମ ଅଞ୍ଚଳରେ ଅସହାୟ ଲୋକଙ୍କୁ ବସ୍ତ୍ରଦାନ, ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ, ଅଙ୍ଗଦାନ ଶିବିର, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ସେବା ଶିବିର ଆଦି ବିଭିନ୍ନ ସେବାଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ଆରମ୍ଭ ହୋଇଛି । ନୟାଗଡ଼ ସହରର ଦୁର୍ଗା ମଣ୍ଡପରେ ସେବା ଉତ୍ସବ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ନୟାଗଡ଼ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ନୟାଗଡ଼ ପୌରଅଧ୍ୟକ୍ଷା ନିରୁପମା ଖଟେଇ , ସାମାଜିକ କର୍ମୀ ଦାମୋଦର ସାହୁ, ଜଳ ଓ ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହାଭାଗିତାରେ ଜିଲାର ବହାଡଖୋଲା ଓମ୍‌ଶ୍ରୀ ସାଇ ଦୃଷ୍ଟିହୀନ ଲୋକ ସଙ୍ଗୀତ ପରିଷଦ ଓ ମୟୂରଭଞ୍ଜ ଜିଲାର ପଲ୍ଲବୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଚିତ୍ତରଞ୍ଜନ ପାତ୍ରଙ୍କୁ ସେବା ସମ୍ମାନ ୨୦୨୩ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ସେବା ଉତ୍ସବ ସମିତି ପକ୍ଷରୁ ଗୁଲଶନ ଦାଶ, ପରମେଶ୍ୱର ସାହୁ, ଜ୍ୟୋତିରଞ୍ଜନ ମହାପାତ୍ର, ଅମିତ କୁମାର, ରାଜଲକ୍ଷ୍ମୀ ମହାନ୍ତି, ସୌମ୍ୟା ସୋୟମପ୍ରଭା, ଶ୍ରୀମାନ ଅଭିଜିତ କର, ଯୁଧିଷ୍ଠିର କୁମାର ବେହେରା, ଓଁକାର ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ । ଜୁଲାଇ ୧୫ରେ ସେବା ଉତ୍ସବ ଉଦଯାପିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।



ସେବା ଉତ୍ସବରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



ପଥଚାରୀଙ୍କୁ ପୋଲିସ ଓ କ୍ଲବ୍‌ର ସଦସ୍ୟମାନେ ସଚେତନ କରୁଛନ୍ତି।

**ଓଡଗାଁ, ୨।୭(ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ଗାଁ ଥାନା, ବାହାଡାଖୋଲା ଫାଣ୍ଡି ଓ ବାହାଡାଖୋଲା ଫୁଲେଶ୍ୱରୀ ୟୁଥ କ୍ଲବ୍ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାହାଡ଼ାଖୋଲା ପୋଲିସ ଅଧିକାରୀଙ୍କ ସହିତ କ୍ଲବ ସଦସ୍ୟମାନେ ବଜାର ଛକରୁ କ୍ଲବ୍ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ । ସିଟ୍ ବେଲ୍ଟ ପିନ୍ଧିବା, ହେଲମେଟ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ନାବାଳକଙ୍କୁ ଗାଡ଼ି ଚଳାଇବାକୁ ଅନୁମତି ନ ଦେବା ସଂକ୍ରାନ୍ତରେ ଏହି ଶୋଭାଯାତ୍ରାରେ ସଚେତନତା ସୃଷ୍ଟି କରାଯାଇଥିଲା ।

# ଆଶ୍ରୟ ସାହିତ୍ୟ ଉତ୍ସବ-୨୦୨୩




ସାହିତ୍ୟ ସଭାରେ ଯୋଗଦେଇଥିବା ଅତିଥି।

**ଶରଣକୁଳ, ୨।୭(ଦୀପକ କର)**

ଶରଣକୁଳ ନିକଟବର୍ତ୍ତୀ ବାଉଁଶିଆ ଗ୍ରାମରେ ଥିବା ଦିବ୍ୟାଙ୍ଗ, ଅସହାୟ, ବୃଦ୍ଧାବୃଦ୍ଧା ଏବଂ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ସାହାରା ଆଶ୍ରୟର ଦିବ୍ୟାଙ୍ଗ ସେବାଶ୍ରମ ପରିସରରେ ପ୍ରତିବର୍ଷ ଭଳି ରବିବାର ସାହିତ୍ୟ ଉତ୍ସବ-୨୦୨୩ ପାଳନ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ କବି, ଲେଖକ, ସାହିତ୍ୟିକ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନେ ଯୋଗ ଦେଇଥିଲେ। ନିଦାଘର ବିଦାୟୀ ଗମନ ଓ ବର୍ଷାର ଆଗମନ ଉପରେ କବିମାନେ କବିତା ପାଠ କରିଥିଲେ। 'ସାହିତ୍ୟରେ ସମାଜର ଅବହେଳିତ ସମ୍ପ୍ରଦାୟ' ଉପରେ ଅତିଥିମାନେ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଲୋକନାଥ ଦାଶ ପରିଚାଳନା କରିଥିବା ବେଳେ ଅଧାପକ ଭାବଗ୍ରାହୀ କର ଓ ବୈକୁଣ୍ଠ ନାଥ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କବି ସୁଦର୍ଶନ ପରିଡ଼ା, ନାଟ୍ୟକାର କାର୍ତ୍ତିକ ମୁଦୁଲି, କବି ମୁରଲୀଧର ମହାରଣା, ଅଧ୍ୟାପିକା ପ୍ରିୟମ୍ବଦା ଦାଶ, କବି ପାଣ୍ଡବ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପିକା ମନୋଜିନୀ ଦଳବେହେରା ଓ ଦାସକାଠିଆ ଗାୟକ ଗୋପାଳ ସିଂଙ୍କୁ ଆଶ୍ରୟ ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ଏଥିରେ ଅନିଲ କୁମାର ପ୍ରଧାନ ଓ ଭିକାରୀ ଚରଣ ସ୍ୱାଇଁ ସହଯୋଗ କରିଥିବା ବେଳେ ଚିତ୍ତରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିପୁର ବନାଞ୍ଚଳରେ ବନ ମହୋତ୍ସବ ପାଳିତ

**ନୂଆଗାଁ, ୨।୭(ଧନେଶ୍ୱର ସାହୁ)**

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନ ମହିତମା, ଗୁମି ଆଦି ଫରେଷ୍ଟ ସେକ୍ସନଗୁଡିକରେ ଶନିବାର ୭୪ ତମ ବନ ମହୋତ୍ସବ ପାଳନ ଓ ଚାରା ରୋପଣ କରାଯାଇଛି। ସୁସ୍ଥ ପରିବେଶ ସୁସ୍ଥ ନିରାମୟ ଜୀବନ। ତେଣୁ ଉଜୁଡା ଜଙ୍ଗଲକୁ ସଜାଡିବା ଓ ସବୁଜିମା କରାଇବା ପାଇଁ ବନ ବିଭାଗ ଚେଷ୍ଟିତ। ତେଣୁ ବନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚାରା ରୋପଣ କରାଯାଉଛି। ମୌସୁମୀ ଆସିବା ପୂର୍ବରୁ ବନ ବିଭାଗ ଚାରା ପ୍ରସ୍ତୁତ କରିଥାଏ। ଜୁଲାଇ ୧ ବନ ମହୋତ୍ସବ ପାଳନ ଦିନଠାରୁ ଚାରା ରୋପଣ କରିବା ଶୁଭାରମ୍ଭ କରାଯାଇଥାଏ। ମହିପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନ ଅଧୀନରେ ଥିବା ରାଜସ୍ୱ କାର୍ଯ୍ୟାଳୟ ପରିସରରେ ମହିତମା ବନପାଳ ରାକେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ନିରୀକ୍ଷକ ମଞ୍ଜିତ୍ ଶର୍ମା ଓ ଅନ୍ୟ କର୍ମଚାରୀମାନଙ୍କ ଉପସ୍ଥିତିରେ ୨୦ଟି ଚାରା ରୋପଣ କରାଯାଇଛି। ସେହିପରି ଗୁମୀ ଫରେଷ୍ଟ ସେକ୍ସନ ପାଲଭା ପାହାଡ଼ରେ ଫରେଷ୍ଟର ପବିତ୍ର କୁମାର ପରିଡ଼ାଙ୍କ ନେତୃତ୍ୱରେ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ପରିଡ଼ାଙ୍କ ସମେତ ଫରେଷ୍ଟ ଗାର୍ଡ ଯୋଗେନ୍ଦ୍ର ସ୍ୱାଇଁ , ସଞ୍ଜୟ କୁମାର ବେହେରାଙ୍କ ସମେତ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ, ପରିବେଶ ପ୍ରେମୀମାନେ ଉପସ୍ଥିତ ଥିଲେ। ଅନୁରୂପ ଭାବେ ମହିପୁର ବନପାଳ ସୂର୍ଯ୍ୟକାନ୍ତ ମହାରଣାଙ୍କ ନେତୃତ୍ୱରେ ମହିପୁର ଫରେଷ୍ଟ ସେକ୍ସନ ମାଇଛେଳି ପଞ୍ଚାୟତ ହାତୀମୁଣ୍ଡା ସଂରକ୍ଷିତ ଜଙ୍ଗଲରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ମହାରଣା ଫରେଷ୍ଟ ଗାର୍ଡ ସ୍ନିଗ୍ଧାରାଣୀ ସ୍ୱାଇଁ , ରୀନାରାଣୀ ସେଠୀ, ଶ୍ରଦ୍ଧାଞ୍ଜଳି ସାହୁ ଓ ମାଇଛେଳି ପଞ୍ଚାୟତର ସରପଞ୍ଚଙ୍କ ସମେତ ପରିବେଶ ପ୍ରେମୀମାନେ ଯୋଗ ଦେଇ ଚାରା ରୋପଣ କରିଥିଲେ।



ପରିବେଶ ପ୍ରେମୀମାନେ ଚାରା ରୋପଣ କରୁଛନ୍ତି।

# କନ୍ଧମାଳର ସମସ୍ୟା ସମାଧାନ ନେଇ ଆଲୋଚନାଚକ୍ର

**ଫୁଲବାଣୀ, ୨।୭(ରାକେଶ କୁମାର ରାଉତ )**

କନ୍ଧମାଳ ଜିଲା ମିଡିଆ ଫୋରମ ପକ୍ଷରୁ କନ୍ଧମାଳ ଜିଲାର ବିଭିନ୍ନ ସମସ୍ୟାର ସମାଧାନ ଓ ବିକାଶ ନେଇ ଏକ ଆଲୋଚନା ଚକ୍ର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମିଡିଆ ଫୋରମ ସଭାପତି ସୁନୀଲ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ । ଏହି ଆଲୋଚନା ଚକ୍ରରେ ବରିଷ୍ଠ ନାଗରିକ, ସାମ୍ବାଦିକ, ବୁଦ୍ଧିଜିବୀ ଓ ଆଇନଜୀବୀମାନେ ଉପସ୍ଥିତ ରହି କନ୍ଧମାଳର ସମସ୍ୟା ଓ ସମାଧାନ ଯଥା ମେଡିକାଲ ଅଛି ଡାକ୍ତର ନାହାଁନ୍ତି, ନର୍ସ ନାହାନ୍ତି, ଫାର୍ମାସିଷ୍ଟ ନାହାନ୍ତି, ସର୍ବ ପୁରାତନ ସରକାରୀ ମହାବିଦ୍ୟାଳୟ ଅଛି କିନ୍ତୁ ସବୁ ବିଷୟରେ ପଢ଼ାଇବା ପାଇଁ ଲେକଚର ନାହାନ୍ତି । ଜିଲାର ଅଧିକାଂଶ ସରକାରୀ ବିଭାଗରେ ଯେତିକି କର୍ମଚାରୀ ରହିବା କଥା ସେତିକି ନାହାନ୍ତି । ଜଣେ ଜଣେ ଅଧିକାରୀ ଚାରୀ ଚାରୀଟା ପୋଷ୍ଟ ଦାୟିତ୍ୱରେ ଅଛନ୍ତି। ସେହିଭଳି ଜିଲାରେ ୨୦ଟି ପର୍ଯ୍ୟଟନ କ୍ଷେତ୍ର ରହିଛି। ଦେଶ ବିଦେଶରୁ ହଜାର ହଜାର ଲୋକ ଆସୁଥିଲେ ସୁଧା ସୁବିଧା ସୁଯୋଗ ଅଭାବରୁ ମୁହଁ ମୋଡୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷପ ହେଲେ କନ୍ଧମାଳର ବିକାଶ ହୋଇପାରିବ ବୋଲି ସମସ୍ତେ ମତ ରଖିଥିଲେ। ଉକ୍ତ ଆଲୋଚନା ଚକ୍ରରେ ବରିଷ୍ଠ ଆଇନଜୀବୀ ଭଗବାନ ମହାନ୍ତି ଓ ସମ୍ପାଦକ କମଳ କୁମାର ବେହେରା, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପ୍ରଣବ କୁମାର ମଣ୍ଡଳ, ଉପ ସଭାପତି, ନବ କିଶୋର ରଥ, ବଣିକ ସଙ୍ଘର ସଭାପତି ଅଶୋକ କୁମାର ପଟ୍ଟନାୟକ, କାଉନସିଲର ରମେଶ ଚନ୍ଦ୍ର ମହାନ୍ତି, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦିଗାଲ, ଜାଗ୍ରତ କନ୍ଧମାଳ ଓ ପ୍ରତିଷ୍ଠାତା ସତ୍ୟ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟଙ୍କୁ ଭୁବନେଶ୍ୱରରେ ଏହି ଦାବି ଉପରେ ଏକ ପତ୍ର ଦିଆଯିବା ପାଇଁ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମିଡିଆ ଫୋରମର ଉପସଭାପତି ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସହ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଶିବାନନ୍ଦ ପଟ୍ଟନାୟକ, ଉପଦେଷ୍ଟା ତ୍ରିନାଥ ସାହୁ, ଉପଦେଷ୍ଟା ଅଜିତ ମହାରଣା, କ୍ୟାଦିୟର ଶିବ ବିଶ୍ୱାଳ, ସଭ୍ୟ ପ୍ରଶାନ୍ତ ଜେନା,ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଆଲୋଚନା ଚକ୍ରକୁ ବ୍ରଜ ବିହାରୀ ନନ୍ଦ ପରିଚାଳନା କରିଥିବା ବେଳେ ଫୋରମର ସମ୍ପାଦକ ସୂର୍ଯ୍ୟ ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



କନ୍ଧମାଳର ସମସ୍ୟା ନେଇ ଆଲୋଚନା ଚାଲିଛି।

